READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524



୨୦୨୦ ନବବର୍ଷ ସମସ୍ତଙ୍କ ହୃଦୟରେ ସ୍ନେହ, ପ୍ରେମ ଓ କରୁଣା ଭରିଦେଉ। ସମଗ୍ର ଦେଶବାସୀ ଭାତୃତ୍ୱର ବନ୍ଧନରେ ବାନ୍ଧି ହୁଅନ୍ତୁ, ସବୁରି ମନରେ ହର୍ଷୋଲ୍ଲାସ ଭରିଯାଉ ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
- ଏକମାତ୍ର ପରିବାର

ବର୍ଷ-୩ | ସଂଖ୍ୟା-୫୦ | ୩୦ ଡିସେମ୍ବର - ୦୫ ଜାନୁଆରୀ, ୨୦୨୦ | ଭୁବନେଶ୍ୱର | Monday Weekly | VOL-3 | ISSUE-50 | 30th DECEMBER- 05th JANUARY, 2020 | BHUBANESWAR | ₹ 5/- (8 Pages)





## ବାର୍ତ୍ତା

ନବବର୍ଷ-୨୦୨୦ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି।

ଗଣେଶୀ ଲାଲ
(ଗଣେଶୀ ଲାଲ)

### ବଲାଙ୍ଗିରରେ ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ଲୋକାର୍ପଣ

# 'ଅର୍ଥନୈତିକ ସମ୍ଭାବନା ସୃଷ୍ଟି ସହ ରୋଜଗାର ଦେବ'



**ବଲାଙ୍ଗିର,(ନି.ପ୍ର) :** ଭାରତ ପେଟ୍ରୋଲିୟମ ନିଗମ ଲିମିଟେଡ୍ ପକ୍ଷରୁ ନିର୍ମିତ ବଲାଙ୍ଗିର ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନାକୁ ବଡ ଗତି ଦେବ। ଲୋକାର୍ପିତ ବଟଲି ପ୍ଲାଣ୍ଟ ରାଜ୍ୟରେ ଗ୍ୟାସ ଯୋଗାଇବାରେ ସହାୟକ ହେବ ବୋଲି ଶୁକ୍ରବାର ଜିଲ୍ଲାର ବରକାନୀ ଠାରେ ଏହି ପ୍ଲାଣ୍ଟର ଉଦ୍‌ଘାଟନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ କରକମଳରେ ହେବା ଅବସରରେ ଟେଲିଫୋନ ବାର୍ତାରେ କହିଛନ୍ତି ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ। ପ୍ରଧାନମନ୍ତ୍ରୀ ମୋଦିଙ୍କ ଉଜ୍ଜଳା ଯୋଜନା ପଦକ୍ଷେପ କାରଣରୁ ଦେଶର ଗରିବ, ଆଦିବାସୀ ଅଧ୍ୟୁଷିତ, ପହାଡଆ ଅଞ୍ଚଳରେ ମହିଳାମାନେ ମାଗଣାରେ ଗ୍ୟାସ ପାଇପାରିଛନ୍ତି । ଏହାକୁ ସଫଳତାକୁ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଉପରାଷ୍ଟ୍ରପତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ସେହିପରି ପୂର୍ବୋଦୟରୁ ଭାରତ ଉଦୟ ହେବ। ଏକ ଭାରତ, ଶ୍ରେଷ୍ଠ ଭାରତର ଏହା ପ୍ରଥମ ପଦକ୍ଷେପ। ଏହି ପ୍ଲାଣ୍ଟ ଦ୍ୱାରା ନିଯୁକ୍ତି ସୃଷ୍ଟି ହେବ। ପ୍ରଧାନମନ୍ତ୍ରୀ ଉଜ୍ଜଳା ଯୋଜନା ଭାରତବର୍ଷର ମା ଭଉଣୀଙ୍କ ଆଖିରୁ ଲୁହ ପୋଛିପାରିଛି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି । ଅପରପକ୍ଷରେ ବଲାଙ୍ଗିର ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ପଶ୍ଚିମ ଓଡିଶାର ୧୪ଟି ଜିଲ୍ଲା ଯଥା ବଲାଙ୍ଗିର, ସୋନପୁର, ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, ବରଗଡ, କଳାହାଣ୍ଡି, ନୂଆପଡା, ମାଲକାନଗିରି, ନବରଙ୍ଗପୁର, କୋରାପୁଟ, ବୌଦ୍ଧ ଇତ୍ୟାଦି ଅଞ୍ଚଳର ଏଲପିଜିର ଆବଶ୍ୟକତାକୁ ପୂରଣ କରିବ। ଆକାଂକ୍ଷୀ ଜିଲ୍ଲା ଭାବେ ପରିଗଣିତ ବଲାଙ୍ଗିର ଅଞ୍ଚଳକୁ ଭାରତବର୍ଷର ଅଗ୍ରଣୀ ଅଞ୍ଚଳ କରିବାରେ ଏହି ପ୍ଲାଣ୍ଟ ମହତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ବଲାଙ୍ଗିର ବିପିସିଏଲ୍ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ପ୍ରଧାନମନ୍ତ୍ରୀଙ୍କ କଲ୍ୟାଣକାରୀ ଯୋଜନା। ଏହା ବାର୍ଷିକ ୪୨ ଲକ୍ଷ ଏଲପିଜି ବଟଲିଂର କ୍ଷମତା ରଖିଥିବା ବେଳେ ସ୍ଥାନୀୟ ଅଂଚଳରେ ଏହି ପ୍ଲାଣ୍ଟ ଅର୍ଥନୈତିକ ସମ୍ଭାବନା ତିଆରି କରିବ ଓ ଯୁବକଙ୍କୁ ରୋଜଗାର ଦେବ ବୋଲି ସେ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ମୋଦି ସରକାରଙ୍କ ପୂର୍ବରୁ ଭାରତବର୍ଷରେ ସମୁଦାୟ ୧୩ କୋଟି ଏଲ୍‌ପିଜି ଗ୍ରାହକ ଥିଲେ। ସେହିପରି ପୂର୍ବରୁ ଓଡିଶାର ୧ କୋଟି ପରିବାରରେ ୨୨ ଲକ୍ଷ ତଥା ବଲାଙ୍ଗୀରରେ ୪୦ ହଜାର ଉପଭୋକ୍ତାଙ୍କ ପାଖରେ ଏଲପିଜି ଥିଲା। ତେବେ ମୋଦି ସରକାର ଆସିବା ପରେ ଗତ ୫ ବର୍ଷରେ ଏହି ସଂଖ୍ୟା ୧୩ କୋଟିରୁ ବୃଦ୍ଧି ପାଇଁ ୨୭ କୋଟି ବା ୯୫ ପ୍ରତିଶତରେ ପହଁଚିପାରିଛି। ଓଡିଶାରେ ୮୮.୧୦ ଲକ୍ଷ ଏଲପିଜି ଉପଭୋକ୍ତା ହୋଇସାରିଥିବା ବେଳେ ତନ୍ମଧ୍ୟରୁ ବଲାଙ୍ଗିରରେ ୪୦ ହଜାର ଏଲପିଜି ➤ ପୃ-୬

# ବିଜେଡି ରାଜନୈତିକ ଦଳ ନୁହେଁ, ଏକ ଆନ୍ଦୋଳନ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ବର୍ତ୍ତମାନ ବିଜୁ ଜନତା ଦଳ ଏକ ରାଜନୈତିକ ଦଳ ନୁହେଁ। ଏହା ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ଆଶା ଓ ବିଶ୍ୱାସକୁ ନେଇ ଏକ ଆନ୍ଦୋଳନରେ ପରିଣତ ହୋଇଛି। ଏହି ଦଳ ଲୋକଙ୍କ ସେବା, ସଶକ୍ତୀକରଣ ଓ ବିକାଶ ପାଇଁ କାମ କରୁଛି। ବିଜେଡି ନିଜର ସ୍ଥିତି ଓ ବିକାଶ ପାଇଁ ମୋ ଉପରେ ବା କୌଣସି ନେତାଙ୍କ ଉପରେ ନିର୍ଭରଶୀଳ ନୁହେଁ ବୋଲି ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ବିଜେଡି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଦଳର ୨୩ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଜାତିର ପିତା, ମହାତ୍ମା ଗାନ୍ଧୀ ଲୋକଙ୍କ ଭିତରେ ସେବା ମନୋଭାବର ବିକାଶ ପାଇଁ ଦେଇଥିବା ପରଶମଣି ସବୁ ସମୟ ପାଇଁ ଆଦର୍ଶ ହୋଇ ରହିଛି ଓ ରହିବ। ଏହା ଆମ ସମସ୍ତଙ୍କ ପାଇଁ ପ୍ରେରଣା। ➤ ପୃ-୬

୨୦୨୦
ନବବର୍ଷ ଉପଲକ୍ଷେ
ଖୋର୍ଦ୍ଧାବାସୀଙ୍କୁ ହାର୍ଦ୍ଦିକ
ଶୁଭେଚ୍ଛା ଓ ଅଭିନନ୍ଦନ।
ଜ୍ୟୋତିନ୍ଦ୍ରନାଥ ମିତ୍ର
ବିଧାୟକ, ଖୋର୍ଦ୍ଧା



"Wishing you a Happy, Healthy New Year." "May the New Year Bless you with health, wealth and happiness."



M/S. SAI BAKERY FACTORY
GANANATHPUR, KALAHANDI



BAKERY SALES CENTRE
COLLEGE SQUARE, BHAWANIPATNA,
GANESH KIRANA STORE

### କଳାହାଣ୍ଡିବାସୀଙ୍କ ଦୁଃଖ କେବେ ବୁଝିବେ ସରକାର

# ଅପାରଗ ତହସିଲଦାର !

**କଳାହାଣ୍ଡି,(ଅନିଲ ପଟ୍ଟନାୟକ) :** ରାଜ୍ୟ ସରକାର ପ୍ରଶାସନକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବା ପାଇଁ ୫-ଟି' କାର୍ଯ୍ୟକ୍ରମ ଆରମ୍ଭ କରିଥିଲା ବେଳେ କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀପାଟଣା ତହସିଲରେ ଏହାର କୌଣସି ପ୍ରଭାବ ଦେଖିବାକୁ ମିଳୁନାହିଁ। ଯେଉଁଥିପାଇଁ ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ଗତି କରୁଛି ଏହି ତହସିଲ କାର୍ଯ୍ୟାଳୟ। ସମସ୍ତ ମନମୁଖୀ କାର୍ଯ୍ୟ ଏଠାରେ ଚାଲିଥିଲା ବେଳେ ଏହା ଉପରେ ପ୍ରଶାସନର କୌଣସି ନଜର ନରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୬-୧୭ ରୁ ଅଦ୍ୟାବଧି କୌଣସି ଖଣି ନିଲାମ ହୋଇ ନାହିଁ। କିନ୍ତୁ ଅବାଧରେ ବାଲି ପଥର ବୁହା ଚାଲିଛି। ୧୯୮୦ ମସିହା ଠାରୁ ୨୦୧୮ ପର୍ଯ୍ୟନ୍ତ ଶହ ଶହ ସଂଖ୍ୟାରେ ଦାଖଲ ଖାରଜ ଓ କିସମ ପରିବର୍ତ୍ତନ ସହିତ ଭାଗ ବଣ୍ଟନ କେସ୍ ଫାଇଲ ଭିତରେ ପଡିରହିଛି। ଏହାରି ଭିତରେ ଅନେକ ମୂଳ ଆର.ଓ.ଆର, ଯାହାକୁ ପଟ୍ଟା କୁହାଯାଇଥାଏ ତାହା ହଜିଯାଇଛି ବା ରେକର୍ଡ ରୁମରୁ ଚୋରି ହୋଇଯାଇଛି । ଅନେକ ଖାତା କମ୍ପ୍ୟୁଟରରେ ଫିଡିଙ୍ଗ୍ ହୋଇ ପାରିନାହିଁ । ଫଳରେ ଭୁଲ୍ ପଟ୍ଟା ଧରି ଜନସାଧାରଣ ଫିଡିଙ୍ଗ ପାଇଁ ବାରମ୍ବାର ତହସିଲ ଅଫିସ ଧାଉଁଛନ୍ତି । ଅନେକ ଖାତା ଏବେ ବି ନୋଜଲ ପ୍ରଜା ହୋଇ ରହିଥିବା ବେଳେ ଆଉ କିଛି ସ୍ଥିତିବାନ ହୋଇଯାଇଛି। ଏହାରି ଭିତରେ ୧୫ ରୁ ୨୦ ଜଣ ତହସିଲଦାର ଏଠାରୁ କାର୍ଯ୍ୟକରି ଫେରିଗଲେଣି। କିନ୍ତୁ କେହି ଏଥିପ୍ରତି ଦୃଷ୍ଟି ଦେଇନଥିବା ମନେହୁଏ। ଏବେ ସରକାରଙ୍କର ଓଆର୍‌ଟିପିସି ନିୟମକୁ କଡାକଡି କରିବାକୁ ଯାଇ ବର୍ତ୍ତମାନର ତହସିଲଦାର ଏକ ପ୍ରକାର ବାଧ୍ୟ ହୋଇପଡୁଛନ୍ତି। ୨୦୧୯ର କେସ୍ ଯଥା ସମୟରେ କରିବା ପାଇଁ ପ୍ରଶ୍ନ ଉଠେ ସରକାର କଣ ଆଜି ପର୍ଯ୍ୟନ୍ତ ଶୋଇ ରହିଥିଲେ ଯେ ଏହି ନିୟମଟିକୁ କେବଳ ୨୦୧୯ ମସିହା ପାଇଁ ଏବେ ଲାଗୁ କଲେ । ଏହି ଜିଲ୍ଲାର ଜିଲ୍ଲାପାଳ ଏଠାରେ ଅବସ୍ଥାପିତ ହେବା ଦିନ ଠାରୁ କେବଳ ମିଟିଙ୍ଗ ମାଧ୍ୟମରେ ଅଫିସ୍ ଓ ଅଫିସର ମାନଙ୍କୁ ଚଳାଇଛନ୍ତି । କୌଣସି ଅଫିସରେ ପୂର୍ଣ୍ଣ ସଂଖ୍ୟାର କର୍ମଚାରୀ ନାହାନ୍ତି। ଅନେକ କର୍ମଚାରୀ ଏବେ ବାଧ୍ୟତାମୂଳକ ଅବସର ନେବା ପାଇଁ ମନ ବଳାଇଛନ୍ତି। ଯାହା ସାଧାରଣରେ ଆଲୋଚନା ହେଉଛି । ସରକାରଙ୍କର ୫-ଟି' ଏହି ଜିଲ୍ଲାରେ କାର୍ଯ୍ୟ କରୁଥିବା ଭଳି ମନ ହେଉନାହିଁ। ଜିଲ୍ଲାର ଅନେକ ତହସିଲ ୩ ମାସ ଓ ୧ ମାସିଆ ପରମିଟ୍ ଦେବା ପାଇଁ ଭିନ୍ନ ଭିନ୍ନ ମତପୋଷଣ କରୁଥିବା ଜଣାପଡେ। ଅନେକ ତହସିଲଦାର ମୋଟେ ଅସ୍ଥାୟୀ ପରମିଟ୍ ଦେଇନାହାଁନ୍ତି । କଲମପୁର ତହସିଲଦାର ପରମିଟ୍ ଦେବା ବିଷୟରେ ଅବଗତ ଥିବା ଭଳି ଜଣାପଡୁନାହାନ୍ତି । ଏ ଭିତରେ ନୂଆ ତହସିଲଦାର ଦାୟିତ୍ୱ ନେବା ପାଇଁ ସରକାର ଆଦେଶ କରିଛନ୍ତି।

ଜିଲ୍ଲାରେ ଶହଶହ କ୍ରସର ଶିଳ୍ପ ଗଡି ତୋଳିବାକୁ ଜିଲ୍ଲାପାଳଙ୍କର ଅନୁମୋଦନ ଅପେକ୍ଷାରେ ଥିଲା ବେଳେ ତହସିଲଦାର କିନ୍ତୁ ଅସ୍ଥାୟୀ ବା ସ୍ଥାୟୀ ପରମିଟ ➤ ପୃ-୬

## ବକ୍ରବାଣୀ



ମୁଖିଆ ଆମର ନମ୍ବର ୱାନ୍!
ପ୍ରାଇଜ୍ ପାଇଁକି ଫିଙ୍ଗନ୍ତି ଧନ୍।
ଗୁଡଡ୍ ଗର୍ମେଣ୍ଟ ଚଳାନ୍ତି ସିଏ!
ଗୁଡ୍ ଗଭର୍ଣ୍ଣାସ ଚଉଦେ ରୁହେ!
ମଦରୁ ରାଜସ୍ୱ ବଢ଼େଇ ଦେଇ!
ମଉଜ କରନ୍ତି ରଷିକି ନେଇ!
ସର୍କାରୀ କଳକୁ ଖୁସି କରନ୍ତି!
ସୁରୁଜ ପରାଗେ ଛୁଟି ଦିଅନ୍ତି!
ଦିନ ମଜୁରିଆ ସାବତ ଭାଇ!
ତାଙ୍କ ପାଇଁ ମନେ ଦରଦ ନାହିଁ!

— ଟୁଟୁ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

**ନାରୀ ଶକ୍ତି ପୁରସ୍କାର-୨୦୧୯ ପାଇଁ ଆବେଦନ ପତ୍ର ଆହ୍ୱାନ**

# ଶେଷ ତାରିଖ ଜାନୁଆରୀ ୭

**ନୂଆଦିଲ୍ଲୀ :** ୨୦୧୯ ବର୍ଷ ପାଇଁ ନାରୀ ଶକ୍ତି ପୁରସ୍କାର ଲାଗି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ଆବେଦନ ପତ୍ର ଆହ୍ୱାନ କରାଯାଇଛି। ମହିଳା ସଶକ୍ତିକରଣ ବିଶେଷ କରି ଅନଗ୍ରସର ଏବଂ ଅବହେଳିତ ମହିଳାଙ୍କ ପ୍ରଗତି ପାଇଁ ବିଶେଷ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ, ସଙ୍ଘ ଏବଂ ଅନୁଷ୍ଠାନକୁ ସ୍ୱୀକୃତି ପ୍ରଦାନ ପୂର୍ବକ ପ୍ରତିବର୍ଷ ଏହି ଜାତୀୟ ପୁରସ୍କାର ପ୍ରଦାନ କରାଯାଇଥାଏ। ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମାର୍ଚ୍ଚ ୮, ୨୦୨୦ରେ ପାଖାପାଖି ୪୦ ଜଣଙ୍କୁ ନାରୀଶକ୍ତି ପୁରସ୍କାର ପ୍ରଦାନ କରାଯିବ। ଏହି ପୁରସ୍କାର ପାଇଁ ଯୋଗ୍ୟତା ଓ ନିର୍ଦ୍ଦେଶାବଳୀ **www.narishaktipuraskar.wcd.gov.in** ପୋର୍ଟାଲରେ ଉପଲବ୍ଧ। ପୁରସ୍କାର ପାଇଁ ବିଚାର ପ୍ରକ୍ରିୟା ମଧ୍ୟକୁ ଆସିବା ପାଇଁ ଏହି ପୋର୍ଟାଲ ମାଧ୍ୟମରେ ଆବେଦନ କରିବାକୁ ପଡିବ। ଆବେଦନ ପତ୍ର ଦାଖଲ କରିବାର ଶେଷ ତାରିଖ ରହିଛି ଜାନୁଆରୀ ୭, ୨୦୨୦। ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଶେଷ କାର୍ଯ୍ୟ କରୁଥିବା ପ୍ରଖ୍ୟାତ ସଙ୍ଘ ଏବଂ ଅନୁଷ୍ଠାନମାନଙ୍କୁ ନାରୀ ଶକ୍ତି ପୁରସ୍କାର ପ୍ରଦାନ କରି ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ପ୍ରତ୍ୟେକ ବର୍ଷ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଉଛି।

# ସିଏଏ ହିଂସା : ସେନାଧ୍ୟକ୍ଷଙ୍କ ବୟାନକୁ ନେଇ ଝଡ

**ନୂଆଦିଲ୍ଲୀ :** ଭାରତୀୟ ସେନା ମୁଖ୍ୟ ଜେନେରାଲ ବିପିନ ରାୱତ ଦେଶରେ ନାଗରିକତା ସଂଶୋଧନ ଆଇନ୍ (ସିଏଏ)କୁ ବିରୋଧ କରି ଚାଲିଥିବା ହିଂସାତ୍ମକ ଆନ୍ଦୋଳନକୁ ନାପସନ୍ଦ କରି କହିଛନ୍ତି, ଲୋକଙ୍କୁ ଭୁଲ ବାଟରେ ପରିଚାଳିତ କରିବା ଏବଂ ହିଂସାତ୍ମକ ମାର୍ଗ ଦେଖାଇବା ନେତୃତ୍ୱର ପ୍ରକୃତ ଗୁଣ ନୁହେଁ। ନୂଆଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ ଜେନେରାଲ ରାୱତଙ୍କ ଏଭଳି 'ରାଜନୈତିକ' ବୟାନ ବିଭିନ୍ନ ମହଲରେ ବିବାଦ ସୃଷ୍ଟି କରିଛି। ଚଳିତ ମାସ ପ୍ରାରମ୍ଭରେ ସିଏଏ ସଂସଦରେ ପାସ୍ ହେବାପରେ ଏହାକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ହିଂସାତ୍ମକ ବିରୋଧ ପ୍ରଦର୍ଶନ ଜାରି ରହିଛି। ଉତ୍ତରପ୍ରଦେଶ ଓ କର୍ଣ୍ଣାଟକରେ ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କ ହିଂସାକାଣ୍ଡ ଯୋଗୁଁ ବହୁ ଲୋକ ମୃତାହତ ହୋଇଛନ୍ତି। ଜେନେରାଲ ରାୱତ କହିଛନ୍ତି, ତାଙ୍କୁ ହିଁ କେବଳ ନେତା କୁହାଯିବ ଯାହାଙ୍କୁ ସମସ୍ତେ ଅନୁସରଣ କରନ୍ତି। କିନ୍ତୁ ସିଏଏ କ୍ଷେତ୍ରରେ ଏହାର ବିପରୀତ ପରିଲକ୍ଷିତ ହେଉଛି। ବିଶ୍ୱବିଦ୍ୟାଳୟ ଓ



ମହାବିଦ୍ୟାଳୟଗୁଡ଼ିକର ବହୁସଂଖ୍ୟକ ଛାତ୍ରଛାତ୍ରୀଙ୍କୁ କିଛି ନେତା ଯେଭଳି ହିଂସାତ୍ମକ ମାର୍ଗରେ ପରିଚାଳିତ କରୁଛନ୍ତି ତାହା ନେତୃତ୍ୱକୁ ଶୋଭା ପାଉନାହିଁ। ଜେନେରାଲ ରାୱତଙ୍କ ଏହି ମନ୍ତବ୍ୟରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସର ମୁଖପାତ୍ର ବ୍ରିଜେଶ କାଲାପ୍ପା ଟ୍ୱିଟ୍ କରି କହିଛନ୍ତି, ସିଏଏ ବିରୋଧୀ ଆନ୍ଦୋଳନକୁ ବିରୋଧ କରିବା ଅର୍ଥ ଗଣତନ୍ତ୍ରର ବିରୁଦ୍ଧାଚରଣ କରିବା। ସେହିପରି କଂଗ୍ରେସର ରାଜ୍ୟସଭା ସାଂସଦ ଦିଗବିଜୟ ସିଂହ ମଧ୍ୟ ଜେନେରାଲ ରାୱତଙ୍କ ଟିପ୍ପଣୀକୁ କଡ଼ା ସମାଲୋଚନା କରିଛନ୍ତି। ହାଇଦ୍ରାବାଦର ସାଂସଦ ତଥା ଏଆଇଏମ୍ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଅୱେସୀ ଟ୍ୱିଟର୍‌ରେ କହିଛନ୍ତି, ନେତୃତ୍ୱ ତା'ର ସୀମା ସରହଦ ସମ୍ପର୍କରେ ସଚେତନ ଥାଏ। ସେନାଧ୍ୟକ୍ଷ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଜେନେରାଲ ରାୱତଙ୍କ ମୁହଁରେ ରାଜନେତାଙ୍କ ଭଳି ବୟାନ ଆଦୌ ଶୋଭା ପାଉନାହିଁ। ପରେ ଅୱେସୀ ଏ ସମ୍ପର୍କରେ ଗଣମାଧ୍ୟମକୁ କହିଛନ୍ତି, ସେନାଧ୍ୟକ୍ଷଙ୍କ ଏ ପ୍ରକାର ବୟାନ ମୋଦୀ ସରକାରର ସମ୍ମାନ ହାନି କରିଛି।

# ୨୦୧୯ ଭାରତ ପାଇଁ ସଫଳତାର ବର୍ଷ: ଆକବରୁଦ୍ଦିନ

**ଜାତିସଂଘ :** ଜାତିସଂଘରେ ଭାରତ ପାଇଁ ୨୦୧୯ ଏକ ସଫଳତାର ବର୍ଷ ବୋଲି ଭାରତର ସ୍ଥାୟୀ ପ୍ରତିନିଧି ସୟଦ୍ ଆକବରୁଦ୍ଦିନ୍ କହିଛନ୍ତି। ୨୦୧୯ ବିଦାୟ ନେବା ପରିପ୍ରେକ୍ଷୀରେ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଆକବରୁଦ୍ଦିନ୍ କହିଛନ୍ତି ଯେ, ଏହି ବର୍ଷରେ ଭାରତ ଅନେକ ସଫଳତା ହାସଲ କରିଛି। ଆତଙ୍କବାଦ ବିରୋଧୀ ଅଭିଯାନ, ଜଳବାୟୁ ପରିବର୍ତ୍ତନ ଏବଂ ନିରନ୍ତର ବିକାଶ ଆଦି କ୍ଷେତ୍ରରେ ଜାତିସଂଘ ପକ୍ଷରୁ ନିଆଯାଇଥିବା ପଦକ୍ଷେପରେ ଭାରତର ସକ୍ରିୟ ଭୂମିକା ରହିଆସିଥିଲା। ବିଶେଷକରି ଭାରତର ଉଦ୍ୟମ ଯୋଗୁଁ ଆତଙ୍କବାଦ ବିରୋଧରେ ଜାତିସଂଘ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଥିଲା। ଏହି ବର୍ଷରେ ପାକିସ୍ତାନର ଆତଙ୍କୀ ସଂଗଠନ ଜୈସ-ଇ-ମହମ୍ମଦ ମୁଖ୍ୟ ମାସୁଦ ଆଝାରକୁ ବିଶ୍ୱ ଆତଙ୍କୀ ତାଲିକାରେ ଅନ୍ତର୍ଭୁକ୍ତ କରାଯିବା ସମ୍ଭବ ହୋଇଛି। ଭାରତ ଏ ଦିଗରେ ବିହିତ ଉଦ୍ୟମ କରିବାରୁ ଜାତିସଂଘ ସୁରକ୍ଷା ପରିଷଦ ମାସୁଦ ବିରୋଧରେ ପଦକ୍ଷେପ ନେଇଛି। ପ୍ରଥମଥର ପାଇଁ ୧୫ ରାଷ୍ଟ୍ର ବିଶିଷ୍ଟ ସୁରକ୍ଷା ପରିଷଦ ପୁଲୱାମାରେ ସିଆରପିଏଫ୍ ଉପରେ ହୋଇଥିବା ଆତଙ୍କୀ ହମ୍‌ଲାକୁ ଅତି କଟୁଭାଷାରେ ସମାଲୋଚନା କରିଥିଲା। ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ସ୍ୱରୂପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୫୦ କିଲୋୱାଟ୍ ବିଶିଷ୍ଟ ଗାନ୍ଧୀ ସୋଲାର ପାର୍କ ଉଦ୍‌ଘାଟନ କରିବା ସମ୍ଭବ ହୋଇଛି। ଜଳବାୟୁ ପରିବର୍ତ୍ତନ ରୋକିବା ଦିଗରେ ଅକ୍ଷୟ ଶକ୍ତି ସହାୟକ ହେଉଥିବାରୁ ଏହାର ବିକାଶକୁ ପ୍ରାଧାନ୍ୟ ଦିଆଯାଇପାରିଛି। ଭାରତ ପାଇଁ ଆଉ ଏକ ଉଲ୍ଲେଖନୀୟ କୂଟନୈତିକ ବିଜୟ ହେଉଛି ୨୦୨୧-୨୨ରେ ଶକ୍ତିଶାଳୀ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟତା ପାଇଁ ଭାରତର ପ୍ରାର୍ଥିତ୍ୱକୁ ଜାତିସଂଘରେ ଦୃଢ଼ ସମର୍ଥନ ମିଳିଛି। ଜାତିସଂଘରେ ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ସମସ୍ତ ରାଷ୍ଟ୍ର ଭାରତକୁ ସମର୍ଥନ ଜଣାଇଛନ୍ତି। କେବଳ ସେତିକି ନୁହେଁ, ନିରନ୍ତର ବିକାଶ ପାଇଁ ଲକ୍ଷ୍ୟ ହାସଲ କରିବାରେ ଭାରତର ଅବଦାନ ଜାତିସଂଘ ଦ୍ୱାରା ସ୍ୱୀକୃତ ହୋଇଛି।

# ନେତାନ୍ୟାହୁଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବ ଲିକୁଡ୍ ଦଳ

**ଜେରୁଜେଲମ :** ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ନେତୃତ୍ୱରେ ଆସନ୍ତା ମାର୍ଚ୍ଚରେ ସାଧାରଣ ନିର୍ବାଚନ ଲଢ଼ିବା ପାଇଁ ନିଷ୍ପତ୍ତି ନେଇଛି କ୍ଷମତାସୀନ ଲିକୁଡ଼ ଦଳ। ବେଞ୍ଜାମିନ ନେତାନ୍ୟାହୁ ଏକମାତ୍ର ରାଜନେତା ଯେ ଇସ୍ରାଏଲ୍‌ର ପ୍ରଧାନମନ୍ତ୍ରୀ ଦାୟିତ୍ୱରେ ସର୍ବାଧିକ ସମୟ ଧରି ଅଛନ୍ତି। ବହୁ ଦୁର୍ନୀତି ମାମଲାରେ ଫସିଥିଲେ ମଧ୍ୟ ତାଙ୍କରି ନେତୃତ୍ୱ ପ୍ରତି ଗଭୀର ଆସ୍ଥା ପ୍ରକଟ କରି ଲିକୁଡ଼ ଦଳ ଶୁକ୍ରବାର ତାଙ୍କୁ ବିପୁଳ ଭୋଟରେ ବିଜୟୀ କରିଛି। ନେତାନ୍ୟାହୁଙ୍କୁ ୭୨.୫% ଭୋଟ ମିଳିଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଗାଇଡିଅନ୍ ସାରଙ୍କୁ ୨୭.୫% ଭୋଟ ମିଳିଛି। ବିଜୟୀ ଘୋଷିତ ହେବାପରେ ନେତାନ୍ୟାହୁ ଦଳୀୟ କର୍ମୀଙ୍କୁ ସାଧୁବାଦ ଜଣାଇଛନ୍ତି। ସେ ଟ୍ୱିଟ୍ କରିଛନ୍ତି, 'ପ୍ରଭୁ ଓ ଆପଣମାନଙ୍କ ସମର୍ଥନ ପାଇଲେ, ଆଗାମୀ ସାଧାରଣ ନିର୍ବାଚନରେ ମୁଁ ଲିକୁଡ଼ ଦଳକୁ ପୁଣି କ୍ଷମତାସୀନ କରିପାରିବି। ଆମେମାନେ ଇସ୍ରାଏଲକୁ ସଫଳତା ଆଡ଼କୁ ନେଇପାରିବା।' ଲିକୁଡ଼ ଦଳର ପ୍ରାୟ ୫୭ ହଜାର ସଭ୍ୟ ବ୍ୟାଲଟ୍ ଜରିଆରେ ନେତାନ୍ୟାହୁଙ୍କୁ ଭୋଟ ଦେଇଥିଲେ। ତାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ସାର ନେତାନ୍ୟାହୁଙ୍କ କ୍ୟାବିନେଟରେ ମନ୍ତ୍ରୀ ଭାବେ କାମ କରିଥିଲେ। ଗତ ଏପ୍ରିଲ ଓ ସେପ୍ଟେମ୍ବର ନିର୍ବାଚନରେ ନେତାନ୍ୟାହୁଙ୍କ ନେତୃତ୍ୱରେ ଲିକୁଡ ଦଳ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲାଭ କରି ନଥିଲା। ତେଣୁ ଆଗାମୀ ନିର୍ବାଚନରେ ତାଙ୍କ ନେତୃତ୍ୱରେ ଦଳ ଜିତିବା ଅସମ୍ଭବ ପ୍ରଚାର କରି ଗାଇଡିଅନ ସାର ନୂଆ ନେତାଙ୍କୁ ବାଛିବାକୁ ଆହ୍ୱାନ କରିଥିଲେ। ନେତାନ୍ୟାହୁଙ୍କ ବିଜୟକୁ ଗ୍ରହଣ କରି ନେଇଛନ୍ତି ସାର। ଲିକୁଡ ଦଳକୁ କ୍ଷମତାସୀନ କରିବା ଦିଗରେ ସେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, କୋର୍ଟରେ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ବିରୋଧରେ ଠକେଇ, ଲାଞ୍ଚ ଓ ପ୍ରତାରଣା ମାମଲାର ବିଚାର ଚାଲିଛି। ତେବେ ୭୦ ବର୍ଷୀୟ ନେତାନ୍ୟାହୁ ନିଜକୁ ଦୋଷମୁକ୍ତ ଦାବି କରି ପୁଲିସ, ସରକାରୀ ଓକିଲ ଓ ଗଣମାଧ୍ୟମ ମୁଣ୍ଡରେ ସବୁ ଦୋଷ ଲଦିଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ପୁଲିସ, ସରକାରୀ ଓକିଲ ଓ ଗଣମାଧ୍ୟମ ଏକଜୁଟ ହୋଇ ତାଙ୍କ ପଛରେ ପଡ଼ିଛନ୍ତି। ତାଙ୍କୁ ଅଯଥା ମାମଲାରେ ଫସାଇବାକୁ ଉଦ୍ୟମ କରୁଛନ୍ତି। ଇସ୍ରାଏଲ ନିର୍ବାଚନ ପ୍ରଚାରରେ ସକ୍ରିୟ ଭୂମିକା ଗ୍ରହଣ କରୁଥିବା ଜନୈକ ବ୍ୟକ୍ତିଙ୍କ ମତରେ ନେତାନ୍ୟାହୁଙ୍କ ଲଢୁଆ ମନୋଭାବ ଲିକୁଡ ଦଳକୁ କ୍ଷମତାସୀନ କରିଛି। ପ୍ରତିପକ୍ଷଙ୍କୁ ହରାଇବା ପାଇଁ ସେ ଆକସ୍ମିକ ଭାବେ ରଣକୌଶଳ ବଦଳାଇବାରେ ଧୁରନ୍ଧର। ୨୦୨୦ ମାର୍ଚ୍ଚରେ ଇସ୍ରାଏଲ୍‌ରେ ସାଧାରଣ ନିର୍ବାଚନ ହେବ।

**ବିଜେପିକୁ ମମତାଙ୍କ ଚେତାବନୀ**

# ନିଆଁ ସହ ଖେଳ ନାହିଁ



**କୋଲକାତା :** ପଶ୍ଚିମବଙ୍ଗରେ ନାଗରିକତା ସଂଶୋଧନ ଆଇନ୍ (ସିଏଏ)କୁ ବିରୋଧ କରି ଆନ୍ଦୋଳନକୁ ଓହ୍ଲାଇଥିବା ଛାତ୍ରମାନଙ୍କୁ ଆଗେଇଚାଲ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଜେପିକୁ ଚେତାବନୀ ଦେଇ ନିଆଁ ସହ ଖେଳ ନାହିଁ ବୋଲି ସେ କହିଛନ୍ତି। କେନ୍ଦ୍ରୀୟ କୋଲକାତାର ରାଜାବଜାରରୁ ମଲ୍ଲିକବଜାର ପର୍ଯ୍ୟନ୍ତ ଏକ ବିକ୍ଷୋଭ ସମାବେଶର ନେତୃତ୍ୱ ନେଇ ମମତା ସିଏଏକୁ ଦୃଢ଼ ବିରୋଧ କରିଛନ୍ତି। ସେ କହିଛନ୍ତି, ସିଏଏ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ତୃଣମୂଳ କଂଗ୍ରେସ ପକ୍ଷରୁ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ଜାରି ରହିବ। ବିଜେପି ପକ୍ଷରୁ ଆନ୍ଦୋଳନକାରୀ ଛାତ୍ରମାନଙ୍କୁ ଧମକ ଦିଆଯାଉଥିବାରୁ ସେ କହିଛନ୍ତି, ସିଏଏକୁ ବିରୋଧ କରୁଥିବା ଜାମିଆ ମିଲିଆ, ଆଇଆଇଟି କାନପୁର ଓ ଅନ୍ୟ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ଆମର ଦୃଢ଼ ସମର୍ଥନ ରହିଛି। ବିଜେପିକୁ ଆହୁରି ସମାଲୋଚନା କରି ମମତା କହିଛନ୍ତି, ଏହି ଦଳ ତା'ର ପ୍ରତିଶ୍ରୁତି ପାଳନ କରୁନାହିଁ। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବିଏସ୍ ୟେଦିୟୁରାପ୍ପା ପୁଲିସ ଗୁଳିରେ ନିହତ ହୋଇଥିବା ସିଏଏ ବିରୋଧୀ ଆନ୍ଦୋଳନକାରୀଙ୍କ ପରିବାରକୁ ସାହାଯ୍ୟ ମିଳିବ ନାହିଁ ବୋଲି କହିଥିବାରୁ ମମତା ଏଥିରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଗତ ୧୯ ତାରିଖରେ କର୍ଣ୍ଣାଟକରେ ୨ ଜଣ ଆନ୍ଦୋଳନକାରୀ ପୁଲିସ ଗୁଳିରେ ପ୍ରାଣ ହରାଇଥିଲେ।

**ଜନ୍ମତିଥିରେ ଅଟଳ ଭୂ-ଜଳ ଯୋଜନା**

# ୭ ରାଜ୍ୟ ପାଇଁ ଖର୍ଚ୍ଚ ହେବ ୬ ହଜାର କୋଟି

**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀ ସ୍ଥିତ ବିଜ୍ଞାନ ଭବନରେ ଅଟଳ ଭୂ-ଜଳ ଯୋଜନାର ଉଦ୍‌ଘାଟନ କରିଛନ୍ତି। ଏହି ଯୋଜନାରେ ଅଧିନରେ ୭ ରାଜ୍ୟର ୮୩୫୦ ଗ୍ରାମ ପଞ୍ଚାୟତ ଲାଭବାନ ହେବେ। ଏହାବ୍ୟତୀତ ମନାଲୀରୁ ଲେହକୁ ସଂଯୋଗ କରୁଥିବା ରେହତାଙ୍ଗ ସୁଡଙ୍ଗର ନାମକୁ ଅଟଳ ବିହାରୀ ବାଜପେୟୀଙ୍କ ନାମରେ ନାମିତ କରି 'ଅଟଳ ସୁଡଙ୍ଗ' ରଖାଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଅଟଳ ଭୂଜଳ ଯୋଜନା ଆରମ୍ଭ ହୋଇଥିବାରୁ ବାଜପେୟୀଙ୍କ ସ୍ୱପ୍ନ ପୂରଣ ହୋଇଛି। ଜଳ ସଙ୍କଟ ପାଇଁ ଚିନ୍ତାର ବିଷୟ। ତେଣୁ ଜଳକୁ ବାଜପେୟୀ ସବୁବେଳେ ଗୁରୁତ୍ୱ ଦେଉଥିଲେ। ଜଳ ସଙ୍କଟର ସମସ୍ତ ସ୍ଥିତିକୁ ମୁକାବିଲା କରିବା ଲାଗି ନୂଆ ଭାରତକୁ ପ୍ରସ୍ତୁତ କରିବାକୁ ହେବ। ଏଥିପାଇଁ ଆମକୁ ୫ଟି ସ୍ତରରେ ଏକା ସାଙ୍ଗରେ କାମ କରିବାକୁ ପଡିବ ବୋଲି ମୋଦି କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ଯୋଜନା ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ,




ଉତ୍ତରପ୍ରଦେଶ, ହରିୟାଣା, ରାଜସ୍ଥାନ ଏବଂ ଗୁଜରାଟରେ କାର୍ଯ୍ୟକାରୀ ହେବ। ଏଥିପାଇଁ ୫ ରାଜ୍ୟର ୬ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ୭ ରାଜ୍ୟର ୭୮ ଜିଲ୍ଲାରେ ୮୩୫୦ ଗ୍ରାମ ପଞ୍ଚାୟତର ଭୂତଳ ଜଳ ବୃଦ୍ଧିରେ ସହାୟକ ହେବ। ଏହି ଗ୍ରାମ ପଞ୍ଚାୟତ ଗୁଡିକରେ ଭୂତଳ ଜଳର ସ୍ଥିତି ଚିନ୍ତାଜନକ ରହିଛି। ଫଳରେ ସେଠାକାର ଲୋକମାନେ ପ୍ରତି ସମୟରେ ଗଭୀର ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ଜଳ ସଙ୍କଟ ଗୋଟିଏ ପରିବାର, ଗୋଟିଏ ନାଗରିକ ହିସାବରେ ଆମ ପାଇଁ ସର୍ବଦା ଚିନ୍ତାଜନକ। ଦେଶର ବିକାଶକୁ ମଧ୍ୟ ଏହା ପ୍ରଭାବିତ କରୁଛି। ତେଣୁ ଗୋଟିଏ ପଟେ ଜଳ ଜୀବନ ମିଶନ କାର୍ଯ୍ୟକାରୀ ହେଉଛି, ଯାହା ପ୍ରତି ଘର ପର୍ଯ୍ୟନ୍ତ ପାଇପ ଜରିଆରେ ପାଣି ପହଞ୍ଚାଇବ। ଅନ୍ୟପଟେ ଅଟଳ ଜଳ ଯୋଜନା ଜରିଆରେ ଭୂତଳ ଜଳ କମ୍ ଥିବା ଅଞ୍ଚଳକୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯିବ ବୋଲି ମୋଦି କହିଛନ୍ତି।

# ସଚିନଙ୍କ ସୁରକ୍ଷା କମିଲା

**ମୁମ୍ବାଇ :** ମହାରାଷ୍ଟ୍ରରେ ଉଦ୍ଧବ ସରକାର ଭାରତ ରତ୍ନ ସଚିନ ତେନ୍ଦୁଲକରଙ୍କ ଏକ୍ସ କାଟାଗୋରୀ ସୁରକ୍ଷା ପ୍ରତ୍ୟାହାର କରିନେଇଛନ୍ତି। ସଚିନଙ୍କୁ ଏକ୍ସ କାଟାଗୋରୀ ସୁରକ୍ଷା ବ୍ୟବସ୍ଥା ପ୍ରଦାନ କରାଯାଉଥିବା ବେଳେ ତାହାକୁ ସରକାର ହ୍ରାସ କରିଦେଇଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକରେଙ୍କ ପୁଅ ତଥା ବିଧାୟକ ଆଦିତ୍ୟ ଠାକରେଙ୍କ ସୁରକ୍ଷା ବ୍ୟବସ୍ଥାକୁ 'ୱାଇ' କାଟାଗୋରୀରୁ ଜେଡ୍ କାଟାଗୋରୀକୁ ଉନ୍ନିତ କରାଯାଇଛି। ଜଣେ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏକ୍ସ କାଟାଗୋରୀରେ ସଚିନଙ୍କ ସାଥିରେ ସବୁବେଳେ ଜଣେ ପୋଲିସ କନଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହୁଥିଲେ। ବର୍ତ୍ତମାନ ସୁରକ୍ଷା ହ୍ରାସ କରାଯାଇଥିଲେ ବି ସଚିନଙ୍କୁ ପୋଲିସ ଏସକର୍ଟ ମିଳିପାରେ। ସେହିପରି ବିଜେପି ନେତା ଏକନାଥ ଖଡସେଙ୍କୁ ୱାଇ ଶ୍ରେଣୀର ସୁରକ୍ଷା ମିଳୁଥିବା ବେଳେ ତାଙ୍କ ପାଇଁ ଥିବା ପୋଲିସ ଏସକର୍ଟକୁ ହଟାଇ ଦିଆଯାଇଛି। ଏଥିସହିତ ଉତ୍ତରପ୍ରଦେଶର ପୂର୍ବତନ ରାଜ୍ୟପାଳ ରାମ ନାଏକଙ୍କ ସୁରକ୍ଷାକୁ ମଧ୍ୟ ଜେଡ୍ ପ୍ଲସ ଶ୍ରେଣୀରୁ ହଟାଯାଇ ଏକ୍ସ ଶ୍ରେଣୀଭୁକ୍ତ କରାଯାଇଛି। ବରିଷ୍ଠ ଓକିଲ ଅଜ୍ଜବଲ ନିକମଙ୍କ ଜେଡ୍ ପ୍ଲସ ସୁରକ୍ଷା ମଧ୍ୟ ହଟାଇ ୱାଇ ଶ୍ରେଣୀରେ



ଅନ୍ତର୍ଭୁକ୍ତ କରାଯାଇଛି। ଅନ୍ୟପଟେ ସମାଜସେବୀ ଆନ୍ନା ହଜାରେଙ୍କ ସୁରକ୍ଷା ୱାଇ ଶ୍ରେଣୀରୁ ଜେଡ୍ ଶ୍ରେଣୀକୁ ବୃଦ୍ଧି କରାଯାଇଛି। ସୂଚନାଥାଉ କି, ସୁରକ୍ଷା ବୃଦ୍ଧି କିମ୍ବା ହ୍ରାସ କରିବାର ନିଷ୍ପତ୍ତି ଏକ ସ୍ୱତନ୍ତ୍ର କମିଟି ନେଇଥାଏ। ଏହି କମିଟି ପ୍ରତି ୩ମାସରେ ସୁରକ୍ଷାଧାରୀଙ୍କ ପ୍ରତି ରହିଥିବା ବିପଦର ଆକଳନ କରିଥାଏ। ଗୁଇନ୍ଦା ସଂସ୍ଥା ଏବଂ ପୋଲିସର ତଥ୍ୟକୁ ଆଧାର କରି କାହାର ସୁରକ୍ଷା ବୃଦ୍ଧି କରାଯିବ ଏବଂ କାହାର ହ୍ରାସ କରାଯିବ ସେନେଇ ନିଷ୍ପତ୍ତି ଚୂଡ଼ାନ୍ତ ହୋଇଥାଏ। ଏହି ସମିତି ୯୭ ଜଣଙ୍କ ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଥିଲା। ସେଥିରୁ ୨୯ଜଣଙ୍କୁ ସୁରକ୍ଷା ହ୍ରାସ କରିବା ସହିତ ୧୬ଜଣଙ୍କର ସୁରକ୍ଷା ବଢ଼ାଇବାକୁ ସୁପାରିସ କରିଥିଲା।

# ଏନ୍‌ପିଆର ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରି

## ନିୟୋଜିତ ହେବେ ୩୦ଲକ୍ଷ କର୍ମଚାରୀ

## ପ୍ରଥମ ଥର ପାଇଁ ବ୍ୟବହାର ହେବ ମୋବାଇଲ ଆପ

**ନୂଆଦିଲ୍ଲୀ :** ଦେଶରେ ୨୦୨୧ ଜନଗଣନା ଏବଂ ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନପିଆର)କୁ ସଂଶୋଧନ କରିବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ମଞ୍ଜୁର କରିଛନ୍ତି। ଜନଗଣନା ପାଇଁ ୮,୭୫୪.୨୩ କୋଟି ଏବଂ ଏନପିଆର ପାଇଁ ୩,୯୪୧.୩୫ କୋଟି ଟଙ୍କା ବ୍ୟୟ କରାଯିବ। ଭାରତୀୟ ଜନଗଣନା ସାରା ଦେଶରେ ହେବାକୁ ଥିବା ବେଳେ ଏନପିଆର କେବଳ ଆସାମକୁ ବାଦ ଦେଲେ ଦେଶର ଅନ୍ୟସ୍ଥାନରେ କାର୍ଯ୍ୟକାରୀ ହେବ। ଭାରତୀୟ ଜନଗଣନା ହେଉଛି ବିଶ୍ୱର ସର୍ବବୃହତ ପ୍ରଶାସନିକ ଏବଂ ପରିସଂଖ୍ୟାନ କାର୍ଯ୍ୟକ୍ରମ। ପରବର୍ତ୍ତୀ ଦଶନ୍ଧି ଜନଗଣନା ୨୦୨୧ରେ ଅନୁଷ୍ଠିତ ହେବ ଏବଂ ଏହା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଆବାସ ତାଲିକା ଏବଂ ଆବାସ ଗଣନା-ଏପ୍ରିଲ ରୁ ସେପ୍ଟେମ୍ବର, ୨୦୨୦ ଏବଂ ଜନଗଣନା- ୯ ଫେବୃଆରୀରୁ ୨୮ ଫେବୃଆରୀ, ୨୦୨୧। ଆସାମକୁ ଛାଡ଼ି ଅନ୍ୟ ସବୁ ସ୍ଥାନରେ ଆବାସ ତାଲିକା ଓ ଆବାସ ଗଣନା ସହ ଜାତୀୟ ଜନସଂଖ୍ୟା ପଞ୍ଜିକରଣ (ଏନପିଆର)କୁ ସଂଶୋଧନ କରାଯିବ। ଜାତୀୟ ଗୁରୁତ୍ୱ ବହନ କରୁଥିବା ଏହି ବିଶାଳ କାର୍ଯ୍ୟକ୍ରମ ପାଇଁ ୨୦୧୧ରେ ୨୮ ଲକ୍ଷ କ୍ଷେତ୍ର କର୍ମଚାରୀ ନିୟୋଜିତ ହୋଇଥିବା ବେଳେ ଚଳିତ ଥର ୩୦ ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ତଥ୍ୟ ସଂଗ୍ରହ ପାଇଁ ମୋବାଇଲ ଆପ ଏବଂ ଅନୁଧ୍ୟାନ ଉଦ୍ଦେଶ୍ୟରେ କେନ୍ଦ୍ରୀୟ ପୋର୍ଟାଲ ବ୍ୟବହାର କରାଯିବା ଯୋଗୁ ଉନ୍ନତ ଗୁଣବତା ସହିତ ଜନଗଣନା ତଥ୍ୟ ହାସଲ କରାଯାଇପାରିବ। ଗୋଟିଏ ବଟନ ଚିପିବା ମାତ୍ରେ ଡାଟା ପ୍ରେରଣ କାର୍ଯ୍ୟ ଅଧିକ ଉନ୍ନତ ଢଙ୍ଗରେ ହେବ। ଏଥିସହିତ ଏହା ବ୍ୟବହାର କରିବା ଲାଗି ମଧ୍ୟ ସହଜ ହେବ। ଫଳରେ ନୀତି ନିର୍ଦ୍ଧାରଣ ଲାଗି ଧାର୍ଯ୍ୟ ମାନକ ଅନୁରୂପ ସମସ୍ତ ଜରୁରି ସୂଚନା ତୁରନ୍ତ ଉପଲବ୍ଧ କରାଯାଇପାରିବ। ବିଭିନ୍ନ ମନ୍ତ୍ରଣାଳୟର ଅନୁରୋଧ କ୍ରମେ ଜନସଂଖ୍ୟା ସହ ଜଡ଼ିତ ସୂଚନା ସେମାନଙ୍କୁ ସଠିକ, ମେସିନରେ ପଢ଼ିବାଯୋଗ୍ୟ ଏବଂ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ଢାଂଚାରେ ଉପଲବ୍ଧ କରାଯାଇପାରିବ।



ଜନଗଣନା କେବଳ ଏକ ପରିସଂଖ୍ୟାନ ପ୍ରକ୍ରିୟା ନୁହେଁ। ଏହାର ଫଳାଫଳ ସାଧାରଣ ଜନତାଙ୍କୁ ଏପରି ଭାବେ ଉପଲବ୍ଧ କରାଯିବ ଯେ ସେମାନେ ଏହାକୁ ସହଜରେ ବୁଝିପାରିବେ। ଜନସଂଖ୍ୟା ସହ ଜଡ଼ିତ ସମସ୍ତ ତଥ୍ୟ ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର, ଗବେଷଣା ସଂଗଠନ ସମେତ ସମସ୍ତ ହିତାଧିକାରୀ ଏବଂ ଉପଯୋଗକାରୀଙ୍କ ଲାଗି ଉପଲବ୍ଧ କରାଯିବ। ଜନସଂଖ୍ୟା ସହ ଜଡ଼ିତ ତଥ୍ୟକୁ ଗ୍ରାମ ଏବଂ ୱାର୍ଡ ଯେପରିକି ପ୍ରଶାସନିକ ସ୍ତରର ଅନ୍ତିମ ସଂସ୍ଥାକୁ ମଧ୍ୟ ଦିଆଯାଇପାରିବ। ଜନସଂଖ୍ୟା ସହ ଜଡ଼ିତ ତଥ୍ୟ ବ୍ଲକ ସ୍ତରର ତଥ୍ୟ ପରିସୀମା ଆୟୋଗଙ୍କୁ ମଧ୍ୟ ଉପଲବ୍ଧ କରାଯିବ ଯଦ୍ୱାରା ଲୋକସଭା ଓ ବିଧାନସଭା ନିର୍ବାଚନ କ୍ଷେତ୍ରର ପରିସୀମାରେ ଏହାର ଉପଯୋଗ କରାଯିବ। ସର୍ବେକ୍ଷଣ ଏବଂ ଅନ୍ୟ ପ୍ରଶାସନିକ କାର୍ଯ୍ୟ ସହ ଜଡ଼ିତ ତଥ୍ୟଗୁଡ଼ିକୁ ଜନସଂଖ୍ୟା ତଥ୍ୟ ସହ ନିଆଗଲେ ଏହା ଜନନୀତି ନିର୍ଦ୍ଧାରଣର ଏକ ସଶକ୍ତ ମାଧ୍ୟମ ହୋଇଥାଏ। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟର ଏକ ବଡ଼ ଫଳାଫଳ ଭାବେ ଉପାନ୍ତ ଅଂଚଳ ଠାରୁ ଆରମ୍ଭ କରି ସାରା ଦେଶରେ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେବ। ଏହି ଜନଗଣନା ଏବଂ ଏନପିଆର କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଦିଆଯାଉଥିବା ପାରିଶ୍ରମିକ ଅତିରିକ୍ତ ହେବ। ଜନଗଣନା ଏବଂ ଏନପିଆର କାମରେ କ୍ଷେତ୍ରୀୟ ସ୍ତରରେ ୨୯୦୦ ଦିନ ଲାଗି ପାଖାପାଖି ୪୮ ହଜାର ଲୋକଙ୍କୁ ନିୟୋଜିତ କରାଯିବ। ଅନ୍ୟ ଅର୍ଥରେ କହିଲେ ଏହାଦ୍ୱାରା ପାଖାପାଖି ଦୁଇ କୋଟି ୪୦ ଲକ୍ଷ ମାନବ ଦିବସ ରୋଜଗାର ଅବସର ଉପଲବ୍ଧ ହେବ। ତଥ୍ୟ ସଂକଳନ ଲାଗି ଡିଜିଟାଲ ପ୍ରକ୍ରିୟା ଓ ସମନ୍ୱୟ ନୀତି ଆପଣାଇବା ଦ୍ୱାରା ଜିଲ୍ଲା ଓ ରାଜ୍ୟସ୍ତରରେ ବୈଷୟିକ ଦକ୍ଷତା ସମ୍ପନ୍ନ ମାନବ ସମ୍ବଳ କ୍ଷମତା ବିକାଶରେ ମଧ୍ୟ ସହାୟତା ମିଳିପାରିବ। ପରବର୍ତ୍ତୀ ସମୟରେ ଏପରି ଲୋକଙ୍କ ପାଇଁ ନିଯୁକ୍ତିର ସମ୍ଭାବନା ମଧ୍ୟ ବୃଦ୍ଧି ପାଇବ। ଜନଗଣନାର ପ୍ରକ୍ରିୟାରେ ପ୍ରତ୍ୟେକ ପରିବାରକୁ ଭେଟିବା, ପ୍ରତ୍ୟେକ ଘର ଏବଂ ସେଥିରେ ରହୁଥିବା ଲୋକଙ୍କ ତାଲିକା ପ୍ରସ୍ତୁତ କରିବା ଏବଂ ସମସ୍ତଙ୍କୁ ମିଶାଇ ଜନଗଣନା ପାଇଁ ଭିନ୍ନ ଭିନ୍ନ ପ୍ରଶ୍ନ ପ୍ରସ୍ତୁତ କରିବା ସାମିଲ ରହିଛି। ଜନଗଣନା କରୁଥିବା ଲୋକ ସାଧାରଣତଃ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ ଏବଂ ସରକାରୀ ଶିକ୍ଷକ ହୋଇଥାନ୍ତି। ଏମାନଙ୍କୁ ନିଜର ନିୟମିତ ଡ୍ୟୁଟି ବ୍ୟତିତ ଜନଗଣନା ସହିତ ଏନପିଆର କାମ ମଧ୍ୟ କରିବାକୁ ହୋଇଥାଏ। ଏହି ଲୋକମାନଙ୍କ ବ୍ୟତିତ ଜନଗଣନା କାମରେ ଜିଲ୍ଲା, ଉପଜିଲ୍ଲା ଏବଂ ରାଜ୍ୟସ୍ତରରେ ରାଜ୍ୟ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି ମଧ୍ୟ ଦିଆଯାଇଥାଏ। ଚଳିତ ଥର ଜନଗଣନା ୨୦୨୧ ଲାଗି କେତେକ ନୂତନ ପଦକ୍ଷେପ ନିଆଯାଇଛି ଯେଉଁଥିରେ ପ୍ରଥମ ଥର ତଥ୍ୟର ସଂକଳନ ଲାଗି ମୋବାଇଲ ଆପର ବ୍ୟବହାର। ଜନଗଣନା କାମରେ ନିୟୋଜିତ ଅଧିକାରୀ ଓ କର୍ମଚାରୀଙ୍କୁ ବିଭିନ୍ନ ଭାଷାରେ ସୂଚନା ଉପଲବ୍ଧ କରାଇବା ଲାଗି ଜନଗଣନା ଅନୁଧ୍ୟାନ ଓ ପରିଚାଳନା ପୋର୍ଟାଲ ବ୍ୟବସ୍ଥା। ସାଧାରଣ ଲୋକଙ୍କୁ ନିଜ ପକ୍ଷରୁ ଜନସଂଖ୍ୟା ତଥ୍ୟ ଉପଲବ୍ଧ କରାଇବା ଲାଗି ଅନଲାଇନ ସୁବିଧା ଦେବା ଏବଂ କୋଡ ଡାଇରେକ୍ଟରି ବ୍ୟବସ୍ଥା କରିବା, ଯାହାଦ୍ୱାରା ବିସ୍ତୃତ ଭାବେ ଦିଆଯାଇଥିବା ସୂଚନାକୁ ରେକର୍ଡ କରି ତଥ୍ୟର ପ୍ରକ୍ରିୟାକରଣ କାର୍ଯ୍ୟରେ ସମୟ ସଂଚୟ କରାଯାଇପାରିବ। ଜନଗଣନା ଏବଂ ଏନପିଆର କାମରେ ନିୟୋଜିତ ଲୋକମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ରାଶି ସାଧାରଣ ଅର୍ଥ ପରିଚାଳନା ପ୍ରଣାଳୀ (ପିଏଫଏମଏସ) ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଂଟକୁ ପଠାଇବାର ବ୍ୟବସ୍ଥା ରହିଛି। ଏହା ଜନସଂଖ୍ୟା ଗଣନା ଏବଂ ଏନପିଆର ଏବଂ ଏନପିଆରରେ ହେଉଥିବା ଖର୍ଚ୍ଚର ୬୦% ହେବ। ଜନଗଣନା କାର୍ଯ୍ୟ ଲାଗି ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ୩୦ଲକ୍ଷ କ୍ଷେତ୍ର କର୍ମଚାରୀଙ୍କୁ ଗୁଣବତାପୂର୍ଣ୍ଣ ପ୍ରଶିକ୍ଷଣ ଦିଆଯିବ ଏବଂ ଏଥିପାଇଁ ଜାତୀୟ ଏବଂ ରାଜ୍ୟ ସ୍ତରରେ ପ୍ରଶିକ୍ଷକଙ୍କୁ ପ୍ରସ୍ତୁତ କରିବା ଲାଗି ଜାତୀୟ ତଥା ରାଜ୍ୟ ସ୍ତରର ପ୍ରଶିକ୍ଷଣ ସଂସ୍ଥାର ସେବା ନିଆଯିବ।

## ଭୁବନେଶ୍ୱର ଏମ୍ସରେ ବାଜପେୟୀଙ୍କ ପ୍ରତିମୂର୍ତ୍ତି ଲୋକାର୍ପଣ



## ଓଡିଶା ପାଇଁ ଏମ୍ସ ବାଜପେୟୀଙ୍କ ଅବଦାନ : ଧର୍ମେନ୍ଦ୍ର

**ଭୁବନେଶ୍ୱର :** ଓଡିଶା ପାଇଁ ଭୁବନେଶ୍ୱର ଏମ୍ସ ଅଟଳ ବିହାରୀ ବାଜପେୟୀଙ୍କ ଅବଦାନ ଥିଲା ବୋଲି ବୁଧବାର ଭୁବନେଶ୍ୱର ଏମ୍ସ ମେଡିକାଲ ପରିସରରେ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ କରକମଳରେ ଲୋକାର୍ପଣ ଏବଂ ମେଡିକାଲରେ ବିଭିନ୍ନ ରୋଗୀ ସୁବିଧାର ଶିଳାନ୍ୟାସ ଓ ଉଦଘାଟନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏମ୍ସରେ ବାଜପେୟୀଙ୍କ ପୂର୍ଣ୍ଣାଙ୍ଗ ମୂର୍ତ୍ତି ସ୍ଥାପିତ କରିଥିବାରୁ ଏମ୍ସ ଭୁବନେଶ୍ୱର ଓ ମହାନଦୀ କୋଇଲା କମ୍ପାନୀକୁ କୃତଜ୍ଞତା ଜଣାଇଛନ୍ତି ଶ୍ରୀ ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ଗତ ୨ ବର୍ଷ ତଳେ ତତ୍କାଳୀନ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା ଏଥିପାଇଁ ପ୍ରତିଶ୍ରୁତି ଦେଇଥିଲେ । ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ପାଇଁ ଏମ୍ସରେ ୪୦ଟି ବିଭାଗ ଖୋଲାଯାଇଛି । ଓଡିଶାକୁ ଉତମ ସ୍ୱାସ୍ଥ୍ୟ ସେବା ଦେବା ପାଇଁ ଭାରତ ସରକାର ପ୍ରତିବଦ୍ଧ । ଆଗାମୀ ଦିନରେ ଏମ୍ସ ରାଜ୍ୟ ଓଡିଶା ଏବଂ ପଡୋଶୀ ରାଜ୍ୟର ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବ ବୋଲି ସେ କହିଛନ୍ତି । ସାମ୍ବାଦିକଙ୍କ ପୃଥକ ପ୍ରଶ୍ନରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡିଶାରେ ଏପର୍ଯ୍ୟନ୍ତ ଭାରତ ଆୟୁଷ୍ମାନ ଯୋଜନା ଲାଗୁ ହେଲାନାହିଁ । ଗରିବ ଲୋକଙ୍କ ବଡ ବଡ ରୋଗ ଯଥା ହୃଦ ରୋଗ, ଟ୍ୟୁମର, କ୍ୟାନସର ପାଇଁ ଖର୍ଚ୍ଚର ଆବଶ୍ୟକତାର ଅଛି । ଭାରତ ସରକାର ଗରିବଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ଖର୍ଚ୍ଚର ବ୍ୟବସ୍ଥା କରିଛନ୍ତି । ମାତ୍ର ଓଡିଶା ସରକାର ଏପର୍ଯ୍ୟନ୍ତ ତାକୁ ଗ୍ରହଣ କରିନାହାନ୍ତି ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରମ୍ବାର ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ଓଡିଶା ସରକାରଙ୍କୁ ଅନୁରୋଧ କରି ଆସୁଛନ୍ତି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ହର୍ଷବର୍ଦ୍ଧନ ମଧ୍ୟ ପୁଣି ଥରେ ରାଜ୍ୟରେ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ସାର୍ବଜନୀନ ଭାବେ ସରକାରଙ୍କୁ ଅନୁରୋଧ କରିଛନ୍ତି । ସମସ୍ତେ ଏକାଠି ହୋଇ ଓଡିଶାର ଗରିବ ଲୋକଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଦେବାର ଆବଶ୍ୟକତା ରହଛି । ଭାରତ ସରକାରଙ୍କ ଆୟୁଷ୍ମାନ ଯୋଜନାରେ ଓଡିଶା ସାମିଲ ହେବ, ଏହା ଆମର ଅପେକ୍ଷା ବୋଲି ସେ କହିଛନ୍ତି । ଉଲ୍ଲେଖନୀୟ ଯେ, କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ଦ୍ୱାରା ଏମ୍ସ ମେଡିକାଲର ମୋଡୁଲାର ଅପରେସନ ଥିଏଟର, ଆଇସିୟୁ କମ୍ପେକ୍ସର ଶିଳାନ୍ୟାସ ଓ କାଥ୍ ଲ୍ୟାବ,ଡିଏଫଆରର ଉଦଘାଟିତ ହୋଇଥିଲା ।

## ସିଏଏ ନେଇ ରାଜ୍ୟରେ ବ୍ୟାପକ ଜନଜାଗରଣ କରାଯିବ :ବିଜେପି



**ଭୁବନେଶ୍ୱର :** କେନ୍ଦ୍ର ସରକାର ଆଣିଥିବା ନାଗରିକତା ସଂଶୋଧନ ଦ୍ୱାରା ଭାରତର ପଡୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଧାର୍ମିକ ରୂପେ ନିର୍ଯାତନାର ଶିକାର ହୋଇ ଭାରତକୁ ଆସିଥିବା ସଂଖ୍ୟାଲଘୁ ବର୍ଗର ଶରଣାର୍ଥୀ ମାନଙ୍କୁ ନାଗରିକତା ପ୍ରଦାନ କରାଯିବ । କିନ୍ତୁ କିଛି ଅସାଧୁ ବ୍ୟକ୍ତି ବିଶେଷ ଏହି ଆଇନ ବିରୁଦ୍ଧରେ କୁପ୍ରଚାର କରି ଦେଶର ଜନତାଙ୍କୁ ବିଭ୍ରାନ୍ତ କରୁଛନ୍ତି । ନାଗରିକତା ଦେବା ପାଇଁ ଏହି ଆଇନ ହୋଇଥିବାବେଳେ ବିରୋଧୀ ଦଳ ମାନେ ଦେଶରେ ନିଆଁ ଲଗାଇ ନିଜର ରାଜନୈତିକ ସ୍ୱାର୍ଥ ହାସଲ କରିବା ପାଇଁ ଅପଚେଷ୍ଟା କରୁଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା । ନାଗରିକତା ସଂଶୋଧନ ଆଇନ ସଂପର୍କରେ ବ୍ୟାପକ ଜନଜାଗରଣ କରିବା ପାଇଁ ବିଜେପି ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ କରି ଜନସାଧାରଣମାନଙ୍କୁ ସଚେତନ କରାଯିବ । ଏହି ପରିପ୍ରେକ୍ଷୀରେ ଆଜି ବିଜେପି ପକ୍ଷରୁ ନାଗରିକତା ସଂଶୋଧନ ନିୟମ ଉପରେ ରାଜ୍ୟସ୍ତରୀୟ କର୍ମଶାଳା ଆୟୋଜିତ କରାଯାଇଥିଲା । ଏହି କର୍ମଶାଳାରେ ନାଗରିକତା ସଂଶୋଧନ ଆଇନ ସଂପର୍କରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ଆଗାମୀ ଜାନୁଆରୀ ମାସରେ ନାଗରିକତା ସଂଶୋଧନ ଆଇନ ଉପରେ ବ୍ୟାପକ ଜନଜାଗରଣ କରାଯିବ । ରାଜ୍ୟର ସମସ୍ତ ୩୬ଟି ସାଙ୍ଗଠନିକ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇ ଏହି ଆଇନ ସଂପର୍କରେ ବ୍ୟାପକ ଭାବେ ଜନସାଧାରଣମାନଙ୍କୁ ସଚେତନ କରାଯିବ । ବିଜେପି କାର୍ଯ୍ୟକର୍ତ୍ତାମାନେ ଓଡିଶାର ୩୬ଟି ସାଙ୍ଗଠନିକ ଜିଲ୍ଲାରେ ବୁଦ୍ଧିଜୀବୀ ସମ୍ମିଳନୀ କରିବେ । ପ୍ରତ୍ୟେକ ଜିଲ୍ଲାରେ ଏହି ଆଇନକୁ ନେଇ ସଚେତନତା ରାଲି କରାଯିବ । ବିଜେପି କାର୍ଯ୍ୟକର୍ତ୍ତାମାନେ ଓଡିଶାର ପାଖାପାଖି ୧ କୋଟି ପରିବାରକୁ ଯାଇ ଏହି ଆଇନ ସଂପର୍କରେ ବୁଝାଇବେ । ଏଥି ସହ ବିଜେପି କାର୍ଯ୍ୟକର୍ତ୍ତାମାନେ ସମସ୍ତ ପଂଚାୟତ ଏବଂ ୱାର୍ଡକୁ ଯାଇ ଜନସାଧାରଣଙ୍କୁ ଏହି ଆଇନ ବିଷୟରେ ପ୍ରତ୍ୟେକ୍ଷ ଭାବେ ଅବଗତ କରାଇବେ । ଏହି କର୍ମଶାଳାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ସଭାପତି ଓ ସାଂସଦ ବସନ୍ତ ପଣ୍ଡା, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ସାଂସଦ ଜୁଏଲ ଓରାମ ଉଦଘାଟନ କରିଥିଲେ । ରାଜ୍ୟ ଉପସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ଭୃଗୁ ବକ୍ସିପାତ୍ର ଏବଂ ପୃଥୀରାଜ ହରିଚନ୍ଦନ, ରାଜ୍ୟ ବିଜେପି ଗଣମାଧ୍ୟମ ବିଭାଗ ମୁଖ୍ୟ ଓ ରାଜ୍ୟ ମୁଖପାତ୍ର ଶ୍ରୀ ଗୋଲକ ମହାପାତ୍ର, ରାଜ୍ୟ ସଂପାଦକ ଯତୀନ ମହାନ୍ତି, ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ ପ୍ରମୁଖ ସମ୍ବୋଧିତ କରିଥିଲେ । ଏହି କର୍ମଶାଳାରେ ସମସ୍ତ ରାଜ୍ୟ ପଦାଧିକାରୀ, ବିଧାୟକ ଏବଂ ବିଧାୟିକା, ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଏବଂ ଜିଲ୍ଲା ସଭାପତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ସମସ୍ତ ନବନିର୍ବାଚିତ ଜିଲ୍ଲା ସଭାପତିମାନଙ୍କୁ ରାଜ୍ୟ ନେତୃମଣ୍ଡଳୀ ସମ୍ବର୍ଦ୍ଧିତ କରିଥିଲେ ।

## ତିର୍ତ୍ତୋଲରେ ବିଜେଡି ଦୁଇଫାଳ ! ପ୍ରତିଷ୍ଠା ଦିବସରେ କର୍ମୀ ହତାସ



**ରଘୁନାଥପୁର,(ସୁଶାନ୍ତ କୁମାର ରାଉତ) :** ଦୀର୍ଘଦିନ ଧରି ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଲାଗିରହିଛି ବିଜେଡିର ଅନ୍ତର୍ଦ୍ୱନ୍ଦ୍ୱ । ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି କର୍ମୀମାନେ ଦୀର୍ଘଦିନ ଧରି ଦୁଇଫାଙ୍କ ହୋଇ ବିଷ୍ଣୁ, ରାଜଶ୍ରୀ ହୋଇ ଦଳ ରାସାନ୍ତଳକୁ ଗତି କରୁଥିବା ବେଳେ କେତେକ କୁଜି ନେତାଙ୍କ ସମ୍ପତ୍ତି ବଢିବାରେ ଲାଗିଛି । ଏଠାରେ କଂଗ୍ରେସର ସ୍ଥିତି ଦୁର୍ବଳ ଥିଲା ବେଳେ ବିଜେଡି ନାଁ ରେ ଚାଲିଛି ମୋଟା ଅଙ୍କର ଚାନ୍ଦା ଆଦାୟ । ବଦଳି ଭୟରେ ମୁହଁ ଖୋଲୁନାହାଁନ୍ତି ସରକାରୀ ପଦାଧିକାରୀ । ଏହିପରି ଭାବେ ରଘୁନାଥପୁର, ବିରିଡି ଓ ତିର୍ତ୍ତୋଲ ବ୍ଲକ୍‌କୁ ମିଶାଇ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀଟି ଗଠିତ ହୋଇଛି । ଏହି ନିର୍ବାଚନ ମଣ୍ଡଳୀରେ ବିଷ୍ଣୁ ଦାସ ବିଜେଡି ବିଧାୟକ ଭାବେ କାର୍ଯ୍ୟ କରୁଛନ୍ତି । ତେବେ ବିଜେଡି ଦଳର ମୁଖ୍ୟଙ୍କ ନିର୍ଦ୍ଦେଶକ୍ରମେ ଆଜି ସମଗ୍ର ରାଜ୍ୟରେ ଦଳୀୟ ନେତୃବୃନ୍ଦ ୨୩ତମ ପ୍ରତିଷ୍ଠାଦିବସ ପାଳନ କରୁଛନ୍ତି । ଏହି ଅବସରରେ ରଘୁନାଥପୁର ବ୍ଲକ୍ ଅଧିନ ବର୍ତ୍ତୀ କଲେଜ ପରିସରରେ ଏକ ବିରାଟ ଟେଣ୍ଟ୍ ମରାଯାଇ ପ୍ରତିଷ୍ଠା ଉତ୍ସବର କାର୍ଯ୍ୟକ୍ରମ ପାଇଁ ସ୍ଥାନ ନିରୁପଣ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ବିଧାୟକ ବିଷ୍ଣୁ ଦାସ ସମେତ ରଘୁନାଥପୁର ବ୍ଲକ୍ ଅଧକ୍ଷା ସ୍ୱପ୍ନ ସରିତା ବଳଙ୍କ ସହିତ ଆଉ କେତେକ ପଞ୍ଚାୟତସ୍ତରୀୟ ଜିତିବା ଓ ହାରିବା ନେତା ଯୋଗଦେଇଥିଲେ । ତେବେ ଏହି ବ୍ଲକ୍‌ର ପୂର୍ବତନ ଅଧକ୍ଷ ରଜତ ପାତ୍ରଙ୍କୁ ଆଗୁଆ କର୍ମୀମାନେ ଟିକେ ବେଖାତିରି କରିବା ଦେଖିବାକୁ ମିଳିଥିଲା । ୩ଟି ବ୍ଲକ୍‌ର ଲୋକମାନଙ୍କୁ ମିଥ୍ୟା ପ୍ରତିଶୃତି ଦେଇ କେତେକ କୁଜି ନେତା ସେମାନଙ୍କୁ ଡକାଇ ଆଣିଥିଲେ ଏହି ପ୍ରତିଷ୍ଠା ଉତ୍ସବ କ୍ଷେତ୍ରକୁ । ବେଶ୍ କିଛି ସମୟ ଧରି ୩ ଗୋଟି ବ୍ଲକ୍‌ରୁ ଆସିଥିବା ପ୍ରାୟ ୩ଶହ ଲୋକଙ୍କର କୋଳାହଳରେ ପୁରି ଉଠିଥିଲା ସଭାସ୍ଥଳ । ଯେତେବେଳେ ଆସିଥିବା ଲୋକେ ଜାଣିଲେ ଯେ ଅତିଥିମାନେ ଆମକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ଦେଇପାରିବେ ନାହିଁ ସେତେବେଳେ ସେମାନେ ଗୋଟି ଗୋଟି ହୋଇ ଲୁଚି ଛପି ସଭା ଛାଡି ପଳାଇଥିଲେ । ତଥାପି ୩ଗୋଟି ବ୍ଲକ୍‌ରୁ ଯନ୍ତ୍ରୀମାନଙ୍କ ଠାରୁ ମୋଟା ଅଙ୍କର ଚାନ୍ଦା ଆଦାୟ କରି ଦେଇଥିବା କେତେକ ସବୁ ଦଳରେ କାମ କରୁଥିବା ଏଜେଣ୍ଟଙ୍କୁ ସେଠାରେ ଦେଖିବାକୁ ମିଳିଥିଲା । ଏହି ପ୍ରତିଷ୍ଠା ଉତ୍ସବ ପାଇଁ ବ୍ଲକ୍‌ର ଯନ୍ତ୍ରୀ ବ୍ୟତୀତ ତହସିଲ ଓ ଥାନାରୁ ମଧ କିଛି ଚାନ୍ଦା ଆଦାୟ ହୋଇଥିବା କଥା ବିଶେଷ ସୂତ୍ରରୁ ଶୁଣିବାକୁ ମିଳିଛି । ମୋଟାମୋଟି ଭାବେ ବ୍ୟାପକ ସରକାରୀ ଓ ଠିକାଦାରଙ୍କ ଚାନ୍ଦାରେ ଆୟୋଜିତ ଉତ୍ସବକୁ ଲୋକେ ପସନ୍ଦ କରୁନଥିବା ଆଜିର ଘଟଣାରୁ ବେଶ୍ ବୁଝି ହେଉଛି ।

## ମାର୍ଚ୍ଚ ୩ରୁ +୨ ପରୀକ୍ଷା

**ଭୁବନେଶ୍ୱର :** ମାର୍ଚ୍ଚ ୩ ତାରିଖରୁ ଆରମ୍ଭ ହେବ +୨ ପରୀକ୍ଷା । ଆଜି ଏନେଇ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ମାର୍ଚ୍ଚ ୩ ତାରିଖରୁ +୨ ବିଜ୍ଞାନ ବିଭାଗର ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ବାଣିଜ୍ୟ ବିଭାଗର ପରୀକ୍ଷା ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ କଳା ବିଭାଗର ପରୀକ୍ଷା ମାର୍ଚ୍ଚ ୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ ପର୍ଯ୍ୟନ୍ତ ଚାଲିବ । ଜାନୁଆରୀ ୨୬ ତାରିଖରୁ +୨ ପ୍ରାଟିକାଲ୍ ପରୀକ୍ଷା ଆରମ୍ଭ ହୋଇ ଫେବୃଆରୀ ୫ ତାରିଖ ପର୍ଯ୍ୟନ୍ତ ଚାଲିବ । ସେହିପରି ଧନ୍ଦାମୂଳକ ପରୀକ୍ଷା ମାର୍ଚ୍ଚ ୧୬ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୮ ତାରିଖ ଯାଏଁ ଚାଲିବ । ଚଳିତବର୍ଷ ମୋଟ ୩,୪୯,୧୫୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି । ବିଜ୍ଞାନ ବିଭାଗରେ ୯୭,୫୩୬ ଜଣ ଓ ବାଣିଜ୍ୟ ବିଭାଗରେ ୨୫,୭୭୦ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ବେଳେ କଳାରେ ୨ଲକ୍ଷରୁ ଅଧିକ ପିଲା ପରୀକ୍ଷା ଦେଉଛନ୍ତି । ସେହିଭଳି ଧନ୍ଦାମୂଳକ ଶିକ୍ଷାରେ ମୋଟ ୭୦୧୭ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ସୂଚନା ଦେଇଛନ୍ତି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍‌ଇ)ର ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ । ଚଳିତବର୍ଷ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି ବ୍ୟବସ୍ଥାକୁ ପ୍ରାଥମିକତା ଦିଆଯାଇଛି । ଏପରିକି ଯେଉଁ ସେଣ୍ଟରରେ ସିସିଟିଭି ଲାଗିନାହିଁ ସେହି ସେଣ୍ଟର ଗୁଡିକୁ ଖୁବ୍‌ଶୀଘ୍ର ସିସିଟିଭି ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଯଦି ପରୀକ୍ଷା ପୂର୍ବରୁ ସିସିଟିଭି ନ ଲଗାଯାଇଥାଏ ତେବେ ସିସିଟିଭି ଲାଗିଥିବା ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

## ଝାରସୁଗୁଡ଼ାକୁ ନୂତନ ସହରାଞ୍ଚଳ ରୂପ ଦିଆଯିବ

### ନୂତନ ଟାଉନ୍‌ସିପ୍ ପାଇଁ ଜାଗା ଚିହ୍ନଟ କରିବାକୁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ଝାରସୁଗୁଡ଼ା ସହରକୁ ଏକ ନୂତନ ଆଧୁନିକ ସହର ରୂପେ ବିକଶିତ କରିବା ପାଇଁ ସରକାରୀ ସ୍ତରରେ ପ୍ରଚେଷ୍ଟା ଆରମ୍ଭ ହୋଇଛି । ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ୪୦ରୁ ୫୦ ବର୍ଷକୁ ଆଖିରେ ରଖି ସହର ସୀମା ସଲଗ୍ନ ଅଞ୍ଚଳରେ ନୂତନ ଟାଉନ୍‌ସିପ୍ ନିର୍ମାଣ କରିବା, ବର୍ତମାନ ଥିବା ସହର ମଧ୍ୟରେ ଆବାସିକ ତଥା ଅନ୍ୟାନ୍ୟ ସୁବିଧାସୁଯୋଗ ସୃଷ୍ଟି କରିବା ଏବଂ ଝାରସୁଗୁଡ଼ାକୁ ଏକ ଆଧୁନିକ ସହରାଞ୍ଚଳ ଓ ଇଣ୍ଡଷ୍ଟ୍ରିଆଲ୍ ହବ୍ ଭାବରେ ବିକଶିତ କରିବା ପାଇଁ ବୈଠକରେ ନିଷ୍ପତି ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସହର ଓ ଗୃହ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଜି. ମାଥିଭାଥାନନ୍ ଓ ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ସମେତ ଜିଲ୍ଲା ଓ ରାଜ୍ୟସ୍ତରୀୟ ଅଧିକାରୀମାନେ ଯୋଗଦେଇ ନୂତନ ଝାରସୁଗୁଡ଼ା ନିର୍ମାଣର ସମ୍ଭାବ୍ୟ ଯୋଜନାଗୁଡ଼ିକ ଉପରେ ଆଲୋଚନା କରିଥିଲେ । ଏବେ ବେଲପାହାଡ଼, ବ୍ରଜରାଜନଗର ସହ ସୁନ୍ଦରଗଡ଼ ମଧ୍ୟରେ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ସହର ମଧ୍ୟରେ ଥିବା ସରକାରୀ ଜମି ଚିହ୍ନଟ କରି ତା'ର ଉନ୍ନତି କରିବା ସହ ସହର ବାହାରେ ନୂଆ ଟାଉନ୍‌ସିପ୍ ପ୍ରତିଷ୍ଠା କରିବା ବିଷୟ ଆଲୋଚନାରେ ସ୍ଥାନ ପାଇଥିଲା । ସେହିପରି ଲହଣ୍ଡାବୁଡ୍, ଏଚ୍ କଟାପାଲି ଓ ବେହେରାପାଟ ମଧ୍ୟରେ ପ୍ରାୟ ୧୫୦୦ ଏକର ସରକାରୀ ଜାଗା ଥିବାବେଳେ ଏହି ସ୍ଥାନରେ ଭବିଷ୍ୟତରେ ସହରାଞ୍ଚଳ ପରିସୀମା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମଙ୍ଗଳବାର ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ଦାସ, ମୁଖ୍ୟ ଶାସନ ସଚିବ, ଝାରସୁଗୁଡ଼ା ଅତିରିକ୍ତ ଜିଲ୍ଲାପାଳ, ଡିଭିଜନାଲ୍ ଫରେଷ୍ଟ ଅଫିସର ଓ ଅନ୍ୟ ପଦସ୍ଥ ଅଧିକାରୀଙ୍କ ସହ ପ୍ରସ୍ତାବିତ ବୃହତ୍ ଝାରସୁଗୁଡ଼ା ସଂପର୍କରେ ଆଲୋଚନା କରିଥିଲେ । ସୂଚନାଥାଉ କି, ବର୍ତ୍ତମାନ ଝାରସୁଗୁଡ଼ାଠାରେ କ୍ୟାନସର୍ ଓ ହାର୍ଟ ହସ୍‌ପିଟାଲ୍, ଡାଇଗ୍ନୋଷ୍ଟିକ୍ ସେଂଟର ଓ ଷ୍ଟାଡିୟମ୍ ପ୍ରତିଷ୍ଠା ହେବାକୁ ଯାଉଛି । ଅନ୍ୟପକ୍ଷେ ବେଦାନ୍ତ, ଭୂଷଣ, ଆଦିତ୍ୟ ବିର୍ଲା ଭଳି ଶିଳ୍ପସଂସ୍ଥା ରହିଥିବାବେଳେ ଓପିଜିସି ଭଳି ବୃହତ୍ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ରହିଛି । ଏହାସହିତ ଏଠାରେ ବିମାନ ବନ୍ଦର କାର୍ଯ୍ୟକ୍ଷମ ହୋଇଛି । ଫଳରେ ଝାରସୁଗୁଡ଼ା ଏକ କ୍ରମବର୍ଦ୍ଧିଷ୍ଣୁ ସହରରେ ପରିଣତ ହେଉଛି । ଏହି ଅବସରରେ ଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ଟାଉନ୍ ପ୍ଲାନିଂ ନିର୍ଦ୍ଦେଶକ ଶୁଭେନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ଜାତୀୟସ୍ତରୀୟ ପରେଡ୍‌ରେ ପ୍ରଦର୍ଶିତ ହେବ

## ଓଡିଶାର ପ୍ରଜ୍ଞାପନ ମେଢ



**ଭୁବନେଶ୍ୱର :** ଆଗାମୀ ୨୦୨୦ ଜନରାଜ୍ୟ ଦିବସରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ପରେଡ୍‌ରେ ଓଡିଶାର ପ୍ରଜ୍ଞାପନ ମେଢ ପ୍ରଦର୍ଶିତ ହେବା ପାଇଁ ଯୋଗ୍ୟ ବିବେଚିତ ହୋଇଛି । ପ୍ରକାଶ ଥାଉଛି ପ୍ରତିବର୍ଷ କେନ୍ଦ୍ର ପ୍ରତିରକ୍ଷା ବିଭାଗ ପକ୍ଷରୁ ସମସ୍ତ ରାଜ୍ୟକୁ ପ୍ରଜ୍ଞାପନ ମେଢ ପ୍ରଦର୍ଶନ ନିମନ୍ତେ ପ୍ରସ୍ତାବ ଆହ୍ୱାନ କରାଯାଇଥାଏ । ତନ୍ମଧ୍ୟରୁ ଅତ୍ୟନ୍ତ ଉଚ୍ଚକୋଟୀର ପ୍ରଜ୍ଞାପନ ମେଢଗୁଡିକ ଜନରାଜ୍ୟ ଦିବସ ପରେଡ୍‌ରେ ସ୍ଥାନିତ ହୋଇଥାଏ । ଚଳିତ ବର୍ଷ ମଧ ଦେଶର ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ତଦନୁଯାୟୀ ପ୍ରସ୍ତାବ ଦିଆଯାଇଥିଲା ।

# ଫେବୃଆରୀ ୧୯ରୁ ମାଟ୍ରିକ ପରୀକ୍ଷା

**କଟକ :** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୦ ମାଟ୍ରିକ ପରୀକ୍ଷା ଫେବୃଆରୀ ୧୯ରୁ ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହେବ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି । ମାଟ୍ରିକ ପରୀକ୍ଷା ସହ ରାଜ୍ୟ ଓପନ ସ୍କୁଲ ଏବଂ ସଂସ୍କୃତ ମଧ୍ୟମା ପରୀକ୍ଷା ଏକ ସମୟରେ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ହାଇସ୍କୁଲ ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷା ପ୍ରଥମ ସିଟିଂ ୧୦ଟାରୁ ୧୨ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସଂସ୍କୃତ ମଧ୍ୟମା ଓ ରାଜ୍ୟ ଓପନ ସ୍କୁଲ ପରୀକ୍ଷା ଦ୍ୱିତୀୟ ସିଟିଂ ଗୋଟାଏ ୩୦ ମିନିଟରୁ ୪ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ମାତ୍ର ଗଣିତ ପରୀକ୍ଷା ଦିନ ପରୀକ୍ଷାର୍ଥୀଙ୍କୁ ୧୫ ମିନିଟ ଅଧିକ ସମୟ ଦିଆଯିବ । ଚଳିତବର୍ଷ ପରୀକ୍ଷାର୍ଥୀମାନଙ୍କ ପାଇଁ ଏ, ବି, ସି, ଏବଂ ଡି ଭଳି ଚାରିଟି ସେଟରେ ପରୀକ୍ଷା ଦେବାକୁ ପଡିବ । ଚଳିତ ବର୍ଷ ପ୍ରଥମ ଥର ପାଇଁ ଓଏମଆର ସିଟ୍ ପରିବର୍ତ୍ତେ ସଂକ୍ଷିପ୍ତ ଉତ୍ତର ମୂଳକ ପ୍ରଶ୍ନପତ୍ର ରହିବ ଓ ଛାତ୍ରଛାତ୍ରୀମାନଙ୍କୁ ବୁକଲେଟରେ ଉତ୍ତର ଲେଖିବାକୁ ପଡିବ । ପାସ୍ ପାଇଁ ଉଭୟ ଅବଜେକ୍ଟିଭ ଏବଂ ସବଜେକ୍ଟିଭରେ ସର୍ବନିମ୍ନ




୧୫ ନମ୍ବର ରଖିବା ବାଧ୍ୟତାମୂଳକ କରାଯାଇଛି । ତେବେ ରାଜ୍ୟ ଓପନ ସ୍କୁଲ ପାଇଁ ଏହା ଲାଗୁ ହେବ ନାହିଁ । ବୋର୍ଡ ପକ୍ଷରୁ ଦିଆଯାଇଥିବା କାର୍ଯ୍ୟସୂଚୀ ଅନୁଯାୟୀ ଫେବୃଆରୀ ୧୯ ତାରିଖରେ ପ୍ରଥମ ଭାଷା(ଓଡିଆ, ବଙ୍ଗଳା, ହିନ୍ଦି, ଉର୍ଦ୍ଦୁ, ତେଲଗୁ) ଏବଂ ଅଲଟରନେଟିଭ ଇଂରାଜୀ, ୨୨ ତାରିଖରେ ଦ୍ୱିତୀୟ ଭାଷା(ଇଂରାଜୀ, ହିନ୍ଦି), କେବଳ ମୂକ ବଧିର ପରୀକ୍ଷାର୍ଥୀଙ୍କ ପାଇଁ ପରିବେଶ ଓ ଜନସଂଖ୍ୟା ଶିକ୍ଷା, ୨୪ରେ ତୃତୀୟ ଭାଷା(ହିନ୍ଦି, ସଂସ୍କୃତ, ଓଡିଆ, ପାର୍ସୀ), କେବଳ ମୂକ ବଧିରଙ୍କ ପାଇଁ ଟିଏଲଭି ଓ ଭୋକେସନାଲ ପରୀକ୍ଷାର୍ଥୀଙ୍କ ଆଇଟି, ଟିଟି, ଆରଟି , ଟିଏଚ, ଏଜି, ଏମଏସ, ପିଏଲ, ବିଡବ୍ଲୁ, ବିଏଫ, ଏଚସି ଏବଂ ଇଏଚ ଥିଓରି ପରୀକ୍ଷା, ୨୬ ତାରିଖରେ ଗଣିତ, ୨୮ରେ ବିଜ୍ଞାନ, ମାର୍ଚ୍ଚ ୨ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ । ମାର୍ଚ୍ଚ ୧ରେ ତୃତୀୟ ଭାଷା ଭିଜୁଆଲ ଆର୍ଟର ପ୍ରାକ୍ଟିକାଲ ପରୀକ୍ଷା ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ପରୀକ୍ଷାର୍ଥୀମାନଙ୍କୁ ୯ଟା ୪୫ମିନିଟରେ ଉଭୟ ଅବଜେକ୍ଟିଭ ଓ ସବଜେକ୍ଟିଭ ପ୍ରଶ୍ନପତ୍ର ପ୍ରଦାନ କରାଯିବ । ଅବଜେକ୍ଟିଭ ପରୀକ୍ଷା ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଏବଂ ଗଣିତରେ ୧୦ଟା ରୁ ୧୧ଟା ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ସଂସ୍କୃତ ମଧ୍ୟମା ଉଭୟ ରେଗୁଲାର ଏବଂ ଏକ୍ସ ରେଗୁଲାର ଛାତ୍ରଛାତ୍ରୀମାନେ ଫେବୃଆରୀ ୧୯ରେ ସଂସ୍କୃତ ବ୍ୟାକରଣ ଓ ଦର୍ଶନ, ୨୦ରେ ସଂସ୍କୃତ ସାହିତ୍ୟମ୍, ୨୨ରେ ପ୍ରୟୋଗାତ୍ମକ ସଂସ୍କୃତ(କର୍ମକାଣ୍ଡ ଓ ଜ୍ୟୋତିଷ କିମ୍ବା ଆୟୁର୍ବେଦ ଓ ଯୋଗ), ୨୪ରେ ମାତୃଭାଷା (ଓଡିଆ, ହିନ୍ଦି), ୨୫ରେ ଗଣିତ, ୨୬ରେ ବିଜ୍ଞାନ, ୨୭ରେ ସାମାଜିକ ବିଜ୍ଞାନ, ୨୮ରେ ଇଂରାଜୀ ପରୀକ୍ଷା ଅନୁଷ୍ଠିତ ହେବ । ଅପରାହ୍ନ ୧ଟା ୧୫ରେ ଉଭୟ ଅବଜେକ୍ଟିଭି ଓ ସବଜେକ୍ଟିଭ ପ୍ରଶ୍ନପତ୍ର ଦିଆଯିବ । ଅବଜେକ୍ଟିଭ ପରୀକ୍ଷା ୧ଟା ୩୦ରୁ ୨ଟା ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । କେବଳ ଗଣିତ ଅବଜେକ୍ଟିଭ ପରୀକ୍ଷା ୧ଟା ୩୦ରୁ ୨ଟା ୪୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାନ ପରୀକ୍ଷାର୍ଥୀମାନେ ଫେବୃଆରୀ ୧୯ ତାରିଖରେ ଇଂରାଜୀ, ୨୦ରେ ପେଣ୍ଟିଂ, ୨୨ରେ ଓଡିଆ, ତେଲଗୁ, ଉର୍ଦ୍ଦୁ, ହିନ୍ଦି, ସଂସ୍କୃତ, ୨୪ରେ ଗଣିତ, ୨୫ରେ ହୋମସାଇନ୍ସ, ୨୬ରେ ବିଜ୍ଞାନ, ୨୭ରେ ଇଣ୍ଡିଆନ କଲଚର ଆଣ୍ଡ ହେରିଟେଜ୍ ,୨୮ରେ ସାମାଜିକ ବିଜ୍ଞାନ ପରୀକ୍ଷା ଅନୁଷ୍ଠିତ ହେବ । ୨୩ ରେ ୧୦ଟାରୁ ଗୋଟାଏ ପର୍ଯ୍ୟନ୍ତ ପେଟିଂ ପ୍ରାକ୍ଟିକାଲ ଓ ୨୯ ତାରିଖ ୧୦ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ହୋମ ସାଇନ୍ସ ପ୍ରାକ୍ଟିକାଲ ପରକ୍ଷା ଅନୁଷ୍ଠିତ ହେବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ବୋର୍ଡ ସଭାପତି ରାମାଶିଷ ହାଜରା ଏବଂ ପରୀକ୍ଷା ନିୟନ୍ତ୍ରକ ଡ. ନିହାର ରଂଜନ ମହାନ୍ତି ସୂଚନା ଦେଇଛନ୍ତି । କପି ରୋକିବା ପାଇଁ ଚଳିତ ବର୍ଷ ବୋର୍ଡ ପକ୍ଷରୁ ପ୍ରଶ୍ନପତ୍ରରେ ସିକ୍ରେଟ କୋଡ୍ ବ୍ୟବହାର କରାଯିବ, ଫଳରେ ଯେଉଁ କେନ୍ଦ୍ରରୁ ପ୍ରଶ୍ନପତ୍ର ପ୍ରଘଟ ବା ଭାଇରାଲ ଆଦି ହେବ ତାହା ସହଜରେ ଜାଣିହେବ ବୋଲି ସଭାପତି ଶ୍ରୀ ହାଜରା ପ୍ରକାଶ କରିଛନ୍ତି ।

## ସାର୍ଟିଫିକେଟ୍‌ରେ ରହିବ ଆଧାର ନମ୍ବର

**ଭୁବନେଶ୍ୱର:** ରାଜ୍ୟରେ ଶିକ୍ଷାଦାନ ପଦ୍ଧତି ସାଙ୍ଗକୁ ପରୀକ୍ଷା ପରିଚାଳାରେ ସଂସ୍କାର ଆଣିବେ ରାଜ୍ୟ ସରକାର । ଏଥିପାଇଁ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଥିବା ବେଳେ ଶିକ୍ଷାବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ମାଟ୍ରିକ ସାର୍ଟିଫିକେଟ୍‌ରେ ଆଧାର ନମ୍ବରକୁ ସ୍ଥାନ ଦେବାକୁ ଯାଉଛନ୍ତି । ଆସନ୍ତା ଶିକ୍ଷାବର୍ଷରୁ ଏହି ନୂଆ ନିୟମ ଲାଗୁ କରିବାକୁ ଯୋଜନା ଥିବା ବେଳେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପ୍ରକାଶଥାଉ କି, ରାଜ୍ୟରେ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲାଗି ଗଣଶିକ୍ଷା




ବିଭାଗ ପକ୍ଷରୁ ୨୦୨୦ ମାଟ୍ରିକ ପରୀକ୍ଷା ଲାଗି ଚଳିତବର୍ଷ ସର୍ବାଧିକ ପଦକ୍ଷେପ ଗ୍ରହଣ କରାଯାଇଛି । ପ୍ରଶ୍ନପତ୍ରର ସୁରକ୍ଷା ଲାଗି ଡିଜିଟାଲ ଲକର ବ୍ୟବସ୍ଥା ହୋଇଥିବା ବେଳେ ପିଲାଙ୍କୁ ଅନଲାଇନ୍‌ରେ ଉତ୍ତରଖାତା ଯୋଗାଇବା ଲାଗି ଯୋଜନା ରହିଛି । ମାତ୍ର ଅନ୍‌ଲାଇନ୍‌ରେ ଉତ୍ତରଖାତା ଏଥର ପ୍ରଦାନ କରାଯିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ । ମାତ୍ର ୨୦୨୧ରୁ ମାଟ୍ରିକ ସାର୍ଟିଫିକେଟ୍‌ରେ ପିଲାଙ୍କ ଆଧାର ନମ୍ବର ବାଧ୍ୟତାମୂଳକ କରାଯିବ । ତେଣୁ ୨୦୨୧ ମାଟ୍ରିକ ପରୀକ୍ଷା ଫର୍ମପୂରଣ ସମୟରେ ପିଲାଙ୍କର ଆଧାର ନମ୍ବର ଦାଖଲ କରାଯିବ । ରାଜ୍ୟରେ ନକଲି କର୍ମଚାରୀ ଏବଂ ନକଲି ସାର୍ଟିଫିକେଟକୁ ରୋକ୍ ଲଗାଇବା ଲାଗି ଏଭଳି ଅଭିନବ ବ୍ୟବସ୍ଥା ଆରମ୍ଭ କରାଯିବ ।



ସୁଖ ପାଖରେ ଜ୍ଞାନ ନଥାଏ। ଯିଏ ଜ୍ଞାନୀ ସେ ସୁଖ ପଛରେ ଗୋଡ଼ାଏ ନାହିଁ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୩୦ ଡିସେମ୍ବର - ୦୫ ଜାନୁଆରୀ, ୨୦୨୦

# ବିଜେପି ପାଇଁ ଚେତାବନୀ

ଝାଡଖଣ୍ଡ ନିର୍ବାଚନ ଫଳାଫଳ ଭାରତୀୟ ଜନତା ପାର୍ଟି ପାଇଁ ଏକ ଚେତାବନୀ। କାରଣ ୫ବର୍ଷ ହେଲା ଏଠାରେ ଶାସନ କ୍ଷମତାରେ ଥିଲା ବିଜେପି। ନିକଟରେ ମହାରାଷ୍ଟ୍ରରେ ମଧ୍ୟ ସହଯୋଗୀ ଦଳ ଶିବସେନା ବିଜେପିର ହାତ ଛାଡି କଂଗ୍ରେସ ସହ ମେଣ୍ଟ କରି ସରକାର ଗଠନ କରିଛି। ୨୦୧୮ ମାର୍ଚ୍ଚ ବେଳକୁ ବିଜେପି ଏବଂ ତାହାର ସହଯୋଗୀ ଦଳ ଗୁଡିକ ଦେଶର ୭୦% ଭୌଗୋଳିକ ଅଞ୍ଚଳରେ ଶାସନ କରୁଥିଲା ବେଳେ ବର୍ତ୍ତମାନ ଏହା ୩୬% ଅଞ୍ଚଳକୁ ଖସି ଆସିଛି। ଗତବର୍ଷ ଦଳ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ମଧ୍ୟ ନିର୍ବାଚନ ହାରି ଯାଇଥିଲା। ଶିବସେନା ବିଜେପିର ସହଯୋଗୀ ଦଳ ହୋଇଥିବା ବେଳେ କେବଳ ଅସହମତି ଯୋଗୁ ବିଜେପି ଏଠାରେ ସରକାରରେ ରହିପାରିଲା ନାହିଁ। ଯଦିଓ ଝାଡଖଣ୍ଡ ବିଧାନସଭା ନିର୍ବାଚନରେ ବିଜେପି ହାରିନାହିଁ ବୋଲି ବିଦାୟୀ ମୁଖ୍ୟମନ୍ତ୍ରୀ ରଘୁବର ଦାସ ସଫେଇ ଦେଇଛନ୍ତି ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ। କାରଣ ଏହି ପରାଜୟ ପଛରେ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଏକ ପ୍ରମୁଖ କାରଣ ହୋଇଥିଲେ ବି ବିଫଳତା ପାଇଁ ବିଜେପିର ରାଷ୍ଟ୍ରୀୟ ନେତାମାନେ ଦାୟୀ ବୋଲି ସ୍ୱୀକାର କରିବାକୁ ହେବ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧିଙ୍କୁ ଦେଶର ଦକ୍ଷ ଓ ଦୃଢ଼ ପ୍ରଧାନମନ୍ତ୍ରୀ ଭାବେ କୁହାଯାଉଥିଲା ବେଳେ ୨୦୧୪ ନିର୍ବାଚନରେ ଶାସନ କ୍ଷମତାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଦେଶର ବିକାଶ ପୁରୁଷ ଭାବେ ବିବେଚନା କରାଯାଉଥିଲା। କାରଣ ମୋଦିଙ୍କ ଅସାଧାରଣ ବ୍ୟକ୍ତିତ୍ୱ, ବିଦେଶ ନୀତି ଓ ଦୃଢ଼ ନିଷ୍ପତ୍ତି ଭାରତକୁ ଆଗେଇ ନେବାର ସ୍ୱପ୍ନ ଦେଖିଥିଲେ ଦେଶବାସୀ। ଯେଉଁଥିପାଇଁ ପୁନର୍ବାର ୨୦୧୯ରେ ମୋଦି ବହୁମତ ପାଇ ପୁଣି ପ୍ରଧାନମନ୍ତ୍ରୀ ହେବାକୁ ଯୋଗ୍ୟ ଓ ଦାବିଦାର ବିବେଚିତ ହୋଇପାରିଲେ। ବିଜେପି ଦେଶର ଶାସନ କ୍ଷମତାରେ ଗତ ୬ବର୍ଷ ହେବ ରହି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ସହିତ ୭୦ବର୍ଷର ଅମିମାଂସୀତ ସମସ୍ୟାର ସମାଧାନ କରିପାରିଛନ୍ତି। ଏହାରି ଭିତରେ ତିନି ତଲାକ, ୩୭୦ ଧାରା ଉଚ୍ଛେଦ, ରାମ ମନ୍ଦିର, ସିଏଏ ଭଳି କଠୋର ନିଷ୍ପତ୍ତିକୁ ସଂସଦରେ ପାରିତ କରାଇ ପାରିଛନ୍ତି। ମୋଦିଙ୍କ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୃଢ଼ତାର ସହିତ ଅନେକ କଠୋର ପଦକ୍ଷେପ ନେବାକୁ ପଛାଇ ନାହାନ୍ତି। ୬ବର୍ଷ ତଳେ ଯେଉଁ ଆଶା ଭରସା ନେଇ ସାଧାରଣ ଲୋକ ବିଜେପିକୁ ସମର୍ଥନ ଦେଇଥିଲେ ସେମାନେ ଏବେ କାହିଁକି ମୋଦିଙ୍କ ନିକଟରୁ ମୁହଁ ଫେରାଇ ନେଉଛନ୍ତି ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ୨୦୧୪ ନିର୍ବାଚନରେ ମୋଦିଙ୍କ ସ୍ଲୋଗାନ ଥିଲା 'ସବ୍‌କା ସାଥ, ସବ୍‌କା ବିକାଶ' ଓ 'କଂଗ୍ରେସ ମୁକ୍ତ ଭାରତ'। ସାଧାରଣ ଲୋକ କଂଗ୍ରେସକୁ ଭୋଟ ନଦେଇ ବିଜେପିକୁ ଭୋଟ ଦେବା ପଛରେ କାରଣ ଥିଲା ଯେ, ଉପା ସରକାର ଅମଳରେ ପ୍ରବଳ ଦୁର୍ନୀତି ଓ କୁପରିଚାଳନା କାରଣରୁ ଆର୍ଥିକ ଅଭିବୃଦ୍ଧି ହାର ତଳକୁ ଖସିଥିଲା। କୃଷି, ବ୍ୟବସାୟ ଓ ଶିଳ୍ପ କ୍ଷେତ୍ରରେ ସେତେବେଳେ ନିରାଶାର ବାତାବରଣ ଖେଳିଯାଇଥିଲା। ଦର ବୃଦ୍ଧି ଓ ରୋଜଗାର ହାନି କାରଣରୁ ସାଧାରଣ ଲୋକଙ୍କ ବ୍ୟକ୍ତିଗତ ଅର୍ଥନୀତି ସମ୍ପୂର୍ଣ୍ଣ ଭୁଷୁଡି ପଡିଥିଲା। ଲଗାତାର ୨ଥର ଶାସନ ଭାର ସମ୍ଭାଳିଥିବା କଂଗ୍ରେସ ସରକାରକୁ ଧୂଳିସାତ୍ କରି ମୋଦିଙ୍କ ଉପରେ ଭରସା କରିଥିଲେ ଲୋକ। ପ୍ରଥମ ଦଫାରେ ମୋଦି ସରକାର ବିମୁଦ୍ରୀକରଣ ଓ ଜିଏସ୍‌ଟି ଲାଗୁ କରି ଲୋକଙ୍କୁ ଅସନ୍ତୁଷ୍ଟ କରିଥିଲା ବେଳେ ପାକିସ୍ତାନ ବିରୋଧରେ ସର୍ଜିକାଲ ଷ୍ଟ୍ରାଇକ୍ କରିବା ଫଳରେ ପୁଣିଥରେ ଦେଶ ଭିତରେ ମୋଦି ଲହର ଖେଳି ଯାଇଥିଲା।

ସମ୍ବାଦକାଣ୍ଡ



ତାରକ ମହାନ୍ତି

ଲୋକଙ୍କ ଭିତରେ ଦେଶପ୍ରେମ ଜାଗ୍ରତ କରିବାରେ ସଫଳ ହେଲା ସର୍ଜିକାଲ ଷ୍ଟ୍ରାଇକ୍। ୨୦୧୯ ସାଧାରଣ ନିର୍ବାଚନରେ ଜନମତ ପୁଣି ମୋଦିଙ୍କ ସପକ୍ଷରେ ଗଲା। ମୋଦି ଦ୍ୱିତୀୟବାର ପ୍ରଧାନମନ୍ତ୍ରୀ ହେବା ପରେ ସମ୍ବିଧାନର ସୁରକ୍ଷା ଓ ସାଧାରଣ ଲୋକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ମୋଦି ସ୍ଲୋଗାନ ଦେଲେ ଯେ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ'। କିନ୍ତୁ ଏହି ତିନୋଟି ଶବ୍ଦ ସାଥ୍, ବିକାଶ, ବିଶ୍ୱାସ ଗଲା କୁଆଡେ? ବର୍ତ୍ତମାନ ଯାହା ଜଣାପଡୁଛି ମୋଦି ନିଜ ପ୍ରତିଶ୍ରୁତି ଭୁଲି ବିଜେପିର ପୁରୁଣା ଇସ୍ତାହାରକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପର ହୋଇ ଉଠିଛନ୍ତି। ପ୍ରଥମ ୫ ବର୍ଷର ପ୍ରଦର୍ଶନ ପ୍ରଭାବରେ ଯେଉଁ ସଙ୍କେତ ମିଳିଥିଲା ତାକୁ ଗ୍ରହଣ କରି ଦଳୀୟ ନେତୃବର୍ଗ କାର୍ଯ୍ୟ ନକରିବା ଫଳରେ ବର୍ତ୍ତମାନ ବିଫଳତାର ସାମ୍ନା କରିବାକୁ ପଡୁଛି ବୋଲି ଅନେକ ବୁଦ୍ଧିଜୀବୀ ଓ ସାଧାରଣ ଲୋକ ମଧ୍ୟ ମତ ଦେଉଛନ୍ତି। ଦେଶର ବିକାଶ ଓ ଅଭିବୃଦ୍ଧି ଉପରେ ଅଧିକ ଧ୍ୟାନ ନଦେଇ କେବଳ ଜାମ୍ମୁ-କାଶ୍ମୀର, ରାମ ମନ୍ଦିର ଓ ତିନି ତଲାକ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ କଲେ। ଅଧିକ ଦେଶ ପ୍ରେମ ଓ ରାଷ୍ଟ୍ରବାଦ ଉପରେ ଗୁରୁତ୍ୱ ଦେବା ଫଳରେ ବିଜେପି ବା ଏନ୍‌ଡିଏ ସରକାରକୁ ଜନ ସମର୍ଥନ କମି କମି ଯାଉଛି ବୋଲି ଅନୁମାନ କରାଯାଏ। ସାଧାରଣ ଲୋକ ଭାବୁଛନ୍ତି ଯେ, ମୋଦି ସରକାର ବିଶ୍ୱାସ ଭଙ୍ଗ କରିଛନ୍ତି। ଏହାର କାରଣ ମଧ୍ୟ ବେଶ୍ ସ୍ପଷ୍ଟ। ଦରଦାମ ନିୟନ୍ତ୍ରଣରେ ନାହିଁ। ପେଟ୍ରୋଲ, ଗ୍ୟାସ ଠାରୁ ଆରମ୍ଭ କରି ତେଲ, ଲୁଣ, ଡାଲି ସବୁ ଏବେ ଚଢ଼ା ଦର। ଗତ ଦୁଇମାସ ହେଲା ପିଆଜ ଦର ଆକାଶଛୁଆଁ ରହିଥିବା ବେଳେ କେନ୍ଦ୍ର ସରକାର ଏଥିପ୍ରତି ଦୃଷ୍ଟି ଦେଇନାହାନ୍ତି। ନିଯୁକ୍ତି, ରୋଜଗାର ବୃଦ୍ଧି ଓ ଦେଶକୁ ସଶକ୍ତିକରଣ କରିବା ପାଇଁ ଯେଉଁ ଯେଉଁ ଯୋଜନାର ଆବଶ୍ୟକତା ରହିଛି ତାହା ପ୍ରଣୟନ କରାନଗଲେ ଲୋକଙ୍କ ରୋଷର ଶିକାର ହୁଅନ୍ତି ସରକାର। ଆଦିବାସୀ, ଗରିବ, ଖଟିଖିଆ ଓ ଦିନ ମଜୁରିଆଙ୍କ ପାଇଁ ଯେଉଁଭଳି ଯୋଜନାର ଆବଶ୍ୟକତା ରହିଛି ସେହିଭଳି ଶିକ୍ଷିତ ବେକାର, କୃଷକ ଓ ଅନ୍ୟ ଶ୍ରମଜୀବୀଙ୍କ ପାଇଁ ସମାନୁପାତିକ ଭାବେ ଯୋଜନା ନକଲେ ଦେଶର ବିକାଶ ବା ଲୋକଙ୍କ ବିକାଶ ହୋଇଛି ବୋଲି କହିପାରିବା କି? ଯଦିଓ କେନ୍ଦ୍ର ସରକାର ଗଠନ କରିବା ଓ ରାଜ୍ୟରେ ସରକାର କରିବା ଭିତରେ ଅନେକ ପ୍ରଭେଦ ରହିଛି। କାରଣ ରାଜ୍ୟ ମାନଙ୍କରେ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନେଇ ଲୋକେ ସରକାର ଗଠନ କରିବାକୁ ଭୋଟ ଦିଅନ୍ତି। ଦେଶ କଥା ଚିନ୍ତା କଲା ବେଳେ ଦକ୍ଷ ଓ ଦେଶକୁ ମଜଭୁତ କରିପାରୁଥିବା ଭଳି ଜଣେ ନେତାଙ୍କୁ ଚୟନ କରିବା ଉଚିତ୍ ବୋଲି ମନେ କରନ୍ତି ସାଧାରଣ ଲୋକ। ବିଭିନ୍ନ ରାଜ୍ୟରେ ବସବାସ କରୁଥିବା ଜନସାଧାରଣଙ୍କ ପରମ୍ପରା, ଚଳଣୀ ଓ ଆର୍ଥିକ ଦିଗ ପ୍ରତି ଯେଉଁ ନେତା ଅଧିକ ଧ୍ୟାନ ଦିଅନ୍ତି ସେମାନେ ରାଜ୍ୟ ଶାସନଭାର ସମ୍ଭାଳିବା ପାଇଁ ଉତ୍ତମ ନେତା ଭାବେ ବିବେଚିତ ହୋଇଥାନ୍ତି। ରାଜ୍ୟ ଶାସନରେ ପୂର୍ବଭଳି କେନ୍ଦ୍ରୀୟ ଦଳ ଅପେକ୍ଷା ଆଞ୍ଚଳିକ ଦଳର ପ୍ରଭାବ ବୃଦ୍ଧି ପାଇଚାଲିଛି। ବିଚାରକୁ ନେଲେ ଓଡ଼ିଶାରେ ଲଗାତାର ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ଚାଲି ଆସୁଛି। ଏଥିରେ ମୋଦି ଲହର କିମ୍ବା କଂଗ୍ରେସର କୌଣସି ପ୍ରଭାବ ପଡୁନାହିଁ। ତେଣୁ ଜାତୀୟ ସ୍ତରରେ ଜାତୀୟ ଦଳ ଓ ଆଞ୍ଚଳିକ ସ୍ତରରେ ଆଞ୍ଚଳିକ ଦଳର ପ୍ରଭାବ ବୃଦ୍ଧି ପାଇବା ସ୍ୱାଭାବିକ। ଯାହା ବର୍ତ୍ତମାନ ଝାଡଖଣ୍ଡରେ ଦେଖିବାକୁ ମିଳିଛି। ଆଗକୁ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଦେଶ ଭିତରେ ମୋଦି ସରକାରକୁ ଦୃଢ଼ ବିରୋଧ କରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ। ତେଣୁ ଝାଡଖଣ୍ଡ ଫଳାଫଳ ବିଜେପି ପାଇଁ ଏକ ଚେତାବନୀ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ହରିଙ୍କ ନାମର ହରିବୋଲ ବୃଥା ନହେଉ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

'କର୍ତ୍ତାରପୁର' ଯାହା ଏ କ୍ଷଣି 'ପାକିସ୍ଥାନ'ରେ ଇମରାମ ମିଆଁଜୀ କର୍ତ୍ତାରପୁର ମହିମାକୁ ଦେଶ ସ୍ୱାଧୀନତାର ୭୨-୭୩ ବର୍ଷରେ ପ୍ରଚାର ଧର୍ମୀ ହୋଇ ଦୁନିଆକୁ ଦେଖାଇବାକୁ ଚାହାନ୍ତି ସେ ଶିଖ ଗୁରୁବାଦକୁ ସମ୍ମାନ ଜଣାନ୍ତି। ପ୍ରକୃତରେ ପଞ୍ଜାବରୁ ପଶ୍ଚିମ ପଟ ହିଁ ପାକିସ୍ଥାନରେ ମିଶିଛି। ଶିଖ ମାନଙ୍କ ସଂଖ୍ୟା ସ୍ୱାଧୀନତା ହାସଲ ପାକିସ୍ଥାନର ହେବା ବେଳେ ଯେତେ ଥିଲା ତାହା ଜନସଂଖ୍ୟା ବୃଦ୍ଧି ସେହି ହାରରେ ଏତେ ବର୍ଷ ପରେ ନ ବଢ଼ି କମିଛି କେମିତି? ଧର୍ମମତକୁ ରାଜାକାନୁନ ରାଜ ପ୍ରକାଶରେ ପୁଣି ସ୍ୱ ନିରାପତ୍ତା ପାଇଁ ବା ପ୍ରଲୋଭନରେ ଲୋକେ ଛାଡ଼ି ପାରନ୍ତି। ଯେଉଁଠି ରୋଜି ରୋଟୀର ସୱାଲ ସେଠାରେ ଅନେକ କ୍ଷେତ୍ର ଧର୍ମମତରେ ଯାଇ ହୁଏ ନାହିଁ।

ମୁସଲମାନ ଶାସକମାନେ ଏ ଦେଶର ଧର୍ମମତ କଠୋର ହସ୍ତରେ ଦମନ ପାଇଁ ଜିଜିଆ କର ବସାଇଛନ୍ତି। ଯାତ୍ରୀକର ବସାଇଛନ୍ତି। ବ୍ରାହ୍ମଣମାନଙ୍କୁ ଭୀଷଣ ଦଣ୍ଡ ଦେଇଛନ୍ତି। ମହଣ ମହଣ ପଇତା ପୋଡ଼ିଛନ୍ତି। କଳିମାପାଣି ପିଆଇ ମୁସଲିମ କରିଛନ୍ତି। କାଶୀକ୍ଷେତ୍ରରେ ମହାଅତ୍ୟାଚାର କରିଛନ୍ତି। ପ୍ରୟାଗ ବାଦ ନୁହଁ। ଏ ଦେଶରେ ଯଦି ବିଶେଷ କ୍ଷମତା ଲଢ଼ାଇ ହୋଇଛି ଏଥିରେ ଭୋଜନ ପାଇଁ କିଛି ଲଢ଼ାଇ ହୋଇଛି। ଜୁଲମ କରି ଗୋ-ରକ୍ଷକଙ୍କ ଗୋବତ୍ସା ଚାରଣ ଭୂମିରୁ ସ୍ୱଗୋଶାଳାରୁ ଜୋର ଜୁଲମ କରି ଅସ୍ତ୍ରଧାରୀମାନେ ଲୁଣ୍ଠନ କରିବା ନିତ୍ୟ ହେବା ଦେଖାଯିବାରୁ ଗୋପାଳ ଗୋପାଳକ ଓ ଗୋମାଂସ ଭକ୍ଷକ ମଧ୍ୟରେ ରୀତିମତ ଲଢ଼ାଇ ଲାଗିରହିଥିଲା, ବନାରସ, ଗୋ ପାଳକମାନଙ୍କୁ ଏବେ ବି ସର୍ଦ୍ଦାର କୁହାଯାଉଛି ବନାରସରେ ଯୋଦ୍ଧା ଗୋ-ପାଳକ ମଧ୍ୟରେ ସେ ବେଳରେ କେତେ ଯେ ଅକାଳ ମୃତ୍ୟୁ ଭୋଗିବାକୁ ହୋଇଛି କୁହାନଯାଏ। ବିଶ୍ୱନାଥ ମନ୍ଦିରକୁ ଲାଗି ମସଜିଦ ଏବେ ବି ରହିଛି। ମଥୁରା ଜନ୍ମଭୂମିରେ ଶ୍ରୀକୃଷ୍ଣ ଜନ୍ମ ବନ୍ଦୀଶାଳାର ସ୍ମୃତି ବହନ ସ୍ଥାନକୁ କେହି ଏବେଗଲେ ଏକ ସୁଡ଼ଙ୍ଗ ପଥରେ ଯିବାକୁ ପଡୁଛି ଯାହା ଏମ ମସଜିଦ୍‌ର କଡ଼ପଟ। ପୂର୍ବେ ଶ୍ରେଣୀ ଜାତିପ୍ରଥା କୌଳିକବୃତ୍ତି ଧନ୍ଦା ସହିତ ଜଡ଼ିତ ଥିଲା ଯେ ରାଜା ହେବ ସେ ସବୁ ଜାତିର ଲୋକଙ୍କ ପ୍ରତିନିଧିକୁ ତାର ପାରିଷଦ କରିବାକୁ ପଡୁଥିଲା, ଆକବରଙ୍କ ପ୍ରଶାସନବେଳେ ଉତ୍ତର ପ୍ରଦେଶର ସୋରିଷ ତେଲ ପ୍ରସ୍ତୁତ କରୁଥିବା ତୈଳକାରମାନେ ରାଜା ରାଜକର୍ମଚାରୀଙ୍କ ଦ୍ୱାରା ଅତିଷ୍ଠ ଥିଲେ। ସେମାନେ ଯଦିବା ଗୋଷ୍ଠୀରେ ରହୁଥିଲେ ମାତ୍ର ରାଜଶକ୍ତିର ମୁକାବିଲା କରିପାରୁନଥିଲେ ସେମାନେ ଏହି ଶାସନର ପରିବର୍ତ୍ତନ ଚାହୁଁଥିଲେ। ଫଳରେ ଆକବରଙ୍କ ତତ୍‌କାଳ ବିରୁଦ୍ଧାଚାରୀ ରଜପୁତ୍ ବୀର ରାଣା ପ୍ରତାପଙ୍କୁ ଯୁଦ୍ଧରେ ହାରି ଜଙ୍ଗଲରେ ବୁଲୁଥିବା ବେଳେ ଏହିମାନେ ଅର୍ଥବଳ ଦେଇ ସୈନ୍ୟ ସଂଗ୍ରହ ଯୁଦ୍ଧାସ୍ତ୍ର ସଂଗ୍ରହ ପାଇଁ ପ୍ରଭାବିତ କରିଥିଲେ। ଅନେକ ସ୍ଥଳରେ ଶ୍ରେଣୀ ସଂଗ୍ରାମ ଜାହିର ହୁଏ। ସେତେବେଳେ ବୃତ୍ତିଭିତ୍ତିକ ଜାତିର ଶ୍ରେଣୀ ଖୁବ୍ କାମ କରୁଥିଲା। ଭାରତ ସ୍ୱାଧୀନ ହେଲା ଆମର ସାର୍ବଭୌମ ସହବସ୍ଥାନରେ ସମ୍ବିଧାନ ଅଧିକାରରେ ସବୁଧର୍ମ ନିଜ ନିଜର ମତରେ ମିଳିମିଶି ଭାଇଚାରାରେ ଚଳିବା ଲାଗୁହେଲା। ନିଜର ପରିଶ୍ରମରୁ ଆୟରେ ସମସ୍ତେ ଦ୍ରବ୍ୟକ୍ଷୟ କରି ତା'ଉପରେ ଅଧିକାର ଜାହିର କରିପାରିବେ। ଏଥିରେ ପ୍ରଗତି ସହିତ ଦୌଡ଼ି ନପାରିଲେ ରାଜାର ବା ପ୍ରଶାସନର ଅନୁକମ୍ପା ପାଇଁ ଦରଖାସ୍ତ କରି ଦାରିଦ୍ର୍ୟ ଘୁଞ୍ଚାଇ ପାରିବ। ସୃଜନୀ ଶକ୍ତି ଲଗାଇ, ବିଦ୍ୟାଳୟରେ ଜିଇବାର ମାର୍ଗ ବାଛି ପାରିବ। ଆଧୁନିକ ବିଜ୍ଞାନରେ ଅନେକ ବିଦ୍ୟାର ମାର୍ଗ ଖୋଲିବେ ଏହାକୁ ସମସ୍ତେ ଧିଶକ୍ତି ଖଟାଇ ଜୀବିକା ଜୀବନ ଧାରଣ କରୁଛନ୍ତି। ଚିକିତ୍ସା ବିଦ୍ୟାର କରାମତିରେ ଲୋକ ଅକାଳ ମୃତ୍ୟୁରୁ ଦୂରେଇବା ଚେଷ୍ଟା ଜାହିର ଓ ଏହା ଜନସଂଖ୍ୟା ବୃଦ୍ଧିର ଏକ କାରଣ ବି ହୋଇଗଲାଣି। ପୂର୍ବେ ହଇଜା ବସନ୍ତ ମହାମାରୀ ପରି ପ୍ରବଳ ପ୍ରାଣଘାତକ ରୋଗରେ ଏକ ଏକ ବସ୍ତି ଗାଁ ଲୋକେ ନିଶ୍ଚିହ୍ନ ହେଉଥିଲେ ଏବେ ଏହାର ପ୍ରକୋପ ହେଉନାହିଁ। ଜନସଂଖ୍ୟା ସବୁ ଦେଶରେ ବଢ଼ି ବଢ଼ି ଚାଲିଛି। ଜନଗଣନା ପ୍ରତି ୧୦ ବର୍ଷରେ ଥରେ ହେଉଛି। ଆମ ଭାରତରେ ଧର୍ମ ଭିତ୍ତିକ ନିୟମରେ କେତେକ ଗଳାବାଟ ଅଛି ଏ ମଧ୍ୟରେ 'ସଂଖ୍ୟାଲଘୁ' ଭାରତ ସ୍ୱାଧୀନ ବେଳେ ଯାହା ତାହା ବହୁ ପରିମାଣ ସଂଖ୍ୟାରେ ପହଞ୍ଚିଲେ ବି ସେହି ସଂଖ୍ୟା ଲଘୁ କାନୁନରେ ସେମାନେ ଅଛନ୍ତି। ଏକ କାନୁନ୍ ଜନ୍ମ ନିୟନ୍ତ୍ରଣ ଧାରାରେ ସେମାନେ ଆସୁନାହାନ୍ତି ଗଣିତବିତ୍ କଳ୍ପନା ୧ ଦମ୍ପତିଙ୍କ ବିବାହ ପରେ ପରେ ସନ୍ତାନ ଜନ୍ମ ଚିନ୍ତନରେ ଆମେ ଦୁଇ ଆମର ଦୁଇ ଜନ୍ମ ସଂଖ୍ୟାକୁ ସମାନ ରଖିବା ଏକ କଳ୍ପନା ଥିଲା ଏବେ ୧ ଦମ୍ପତିଙ୍କର ୧ପିଲା ଚିନ୍ତନ ଚାଲିଲାଣି। ଫଳରେ ଦ୍ରୁତ ଜନସଂଖ୍ୟାର ହ୍ରାସ କେଇ ବର୍ଷ ପରେ ଗଣିତରେ ଧରାପଡ଼ିଯିବ ମାତ୍ର ସଂଖ୍ୟା ଲଘୁ ପାଇଁ ଏହା ଲାଗୁନାହିଁ। ତାଙ୍କ ସ୍ଥାନରେ ବି ଜନସଂଖ୍ୟା ବଢୁଛି, ପାକିସ୍ଥାନର କ୍ଷେତ୍ରଫଳ ତ ଆଉ ବଢୁନାହିଁ? ପାକିସ୍ଥାନର ଜନନାୟକମାନେ ଭାରତ ମାଟି ଦଖଲ ପାଇଁ ସଦା ମସୁଧା କରି ତାଙ୍କର କ୍ଷେତ୍ରଫଳ ବଢ଼ାଇବା ପନ୍ଥା ଧରିଛନ୍ତି। ବାୟବୀୟଙ୍କୁ ବିଶ୍ୱାସ ନାହିଁ ଏ ଧାରଣା ଭାରତବର୍ଷରେ ମୂଳରୁ ରହିଛି ଏବେ ଏହା କଟିନାହିଁ। ଚୋରପରି ଛପି ଭାରତର କାଶ୍ମୀରରେ, ରାଜସ୍ଥାନରେ, ପଞ୍ଜାବରେ, ଗୁଜୁରାଟରେ ପଶିବା ଏବେ ଜାହିର ରହିଛି। ଏକ ସ୍ଥାୟୀ ସରକାର ପ୍ରଜାଙ୍କୁ ସ୍ଥିତିବାନ କରି ତାଙ୍କରି କରରେ ତାଙ୍କ ପାଇଁ ସରକାର ଚଳାଇ ଦେଶର ପ୍ରଗତି ଆଣିବାରେ ଯୋଡ଼ି ହେଉଛି ଦେଶକୁ ବହିଃଶତ୍ରୁର ଆକ୍ରମଣରୁ ରକ୍ଷା ଦାୟିତ୍ୱ। ଜଳ, ସ୍ଥଳ, ଆକାଶ ସବୁ ପ୍ରକାର ଆକ୍ରମଣ ସମ୍ଭାବନା ରହିଥିବାରୁ ଏ ସବୁପାଇଁ ପ୍ରାଣୀଙ୍କର ଦେୟ କରରୁ ସିଂହଭାଗ ଏଥିରେ ଲାଗିଲାଣି। ଅପାଠୁଆ ଅଶିକ୍ଷିତ ଲୋକେ ଏ ପ୍ରକାର ଯୁଦ୍ଧର କଳ୍ପନା କରିନଥିଲେ ଲୋକେ ଠେଙ୍ଗାବାଡ଼ି ବର୍ଚ୍ଛା, ଟେଣ୍ଟା, ଖଣ୍ଡା, ଛୁରୀ, ଧନୁତୀରରେ ଲଢ଼ାଇ କରୁଥିଲେ ଟେକା ଫୋପାଡ଼ି ଗଛରୁ ଫଳ ଝଡ଼ାଇବା ପଶୁ ଶିକାର କରିବା ପଶୁକୁ ଘଉଡାଇବା ସହିତ ଶତ୍ରୁକୁ ଘଉଡାଇବା ଏକ ପଦ୍ଧତି ଥିଲା। ଏଇ ଟେକା ଫୋପଡ଼ା ଏବେ ବୋମାମାଡ଼ର ରୂପ ନେଲାଣି। ଲୋକେ ପାଠୁଆ ହୋଇ କଣ ଖାଲି ଯୁଦ୍ଧ ଖୋର ହେବେ? ଏହା କ'ଣ ପାଠର କରାମତି ଏମାନେ କ'ଣ ଶିକ୍ଷିତ? ଯେକୌଣସି ଦେଶ ଅନ୍ୟ ଦେଶର ସହାୟତା ବିନା କଣ ଚଳିପାରିବ? ପ୍ରକୃତି କେଉଁଠି ଅଭାବ କେଉଁଠି ଭାବ ରଖନ୍ତି। ମନୁଷ୍ୟ ତାର ବୁଦ୍ଧିରେ ଏହାକୁ କାମରେ ଲଗାଇ ଅଭାବ ସ୍ଥାନର ଭାବ ଲଗାଇପାରେ। ଯୁଦ୍ଧ ଅସ୍ତ୍ର ନିର୍ମାଣ କମାର ବୃତ୍ତି, ମହାଭାରତ ଯୁଦ୍ଧରେ କମାର, ବଢ଼େଇ, ମୋଚି ବୃତ୍ତି ଲାଗି ଅସ୍ତ୍ର, ସାଞ୍ଜୁ, ଘୋଡ଼ାନାଲ, ଘୋଡାର ଜିନ ରଥ ଯୋଦ୍ଧାର ପାଦ ପାଇଁ ଜୋତା ଶିରସ୍ତ୍ରାଣ ଧନୁର ଚମଡ଼ା ରଜ୍ଜୁ, ତୀରର ଫଳା ପରି ଅନେକ ସରଞ୍ଜାମ ଭାବୀ ଯୁଦ୍ଧ ପାଇଁ ଏହି ତିନିପ୍ରକାର ବୃତ୍ତିଧାରୀଙ୍କ ହୋଇଥିବ ମାତ୍ର ଯୁଦ୍ଧ ଶେଷ ବେଳକୁ କି ପରିଣତି ତାହା ତତ୍‌କାଳ କେହି ଭାବିପାରି ନାହାନ୍ତି। ନିଜ ପେଟରେ ଥିବା ଯୁଦ୍ଧିଷ୍ଠିର ତାହା ନିଶ୍ଚେ ଉପଭୋକ୍ତା ହୋଇଥିବେ ଚାଷ ପାଇଁ ଯୁଆନ ଶ୍ରମିକ ନଥିବେ ଘରେ ଘରେ ବିଧବା ଏପରିକି ନିଜ ଘରେ ବିଧବା, ଶଙ୍ଖାରୀ କାଚ ବାଲା, ପାଟରା, ତନ୍ତୀ, ବଣିଆ, ମାଳୀ ଏମାନଙ୍କର ବୃତ୍ତି ପୂର୍ଣ୍ଣବାଞ୍ଛା ଚାଷ ନ ହୋଇ କିପରି ପରିସ୍ଥିତି, ଯୁଦ୍ଧ ଆଗକୁ ଶସ୍ୟ ନଥିବ ଖାଇବା ପାଇଁ ଲୋକେ କଷ୍ଟ ସହୁଥିବେ। କର ଆଦାୟର ଜଟିଳ ସମସ୍ୟା ପୁଣି ରାଜ ସହାୟକ ହେବାକୁ ସବୁ ପ୍ରଜା ଆଶାୟୀ, ଦୁର୍ଯ୍ୟୋଧନ, ଶ୍ରୀକୃଷ୍ଣ କଥା ପାଞ୍ଚଖଣ୍ଡି ଗ୍ରାମ ପାଞ୍ଚଭାଇଙ୍କୁ ଦେଇଥିଲେ କ'ଣ ଏ ଯୁଦ୍ଧ ହୋଇଥାନ୍ତା?

ସବୁ ପ୍ରକାର ବୃତ୍ତି ସମାନ ଭାବରେ ସର୍ବଦା ଚାଲେ ନାହିଁ। ଧନତେରସ ଅକ୍ଷୟ ତୃତୀୟା ମାର୍ଗଶିର ଗୁରୁବାର ଓ ବିବାହ ମୌସମରେ ବଣିଆ ଦୋକାନ ଭିଡ଼ ଦେଖନ୍ତୁ। ବାଣ ଦୋକାନ ଦୀପାବଳୀକୁ କେତେ ଖୋଲୁଛି ରାକ୍ଷୀ ବିକ୍ରି ଗହ୍ମାପୂର୍ଣ୍ଣିମାକୁ କେମିତି ଖୋଲୁଛି। ହେଲେ ଶାନ୍ତି ପାଇଁ ଅନେକ ବୃତ୍ତି ଧନ୍ଦା କରିଲେ କିଛି କହିବାର ନାହିଁ ମାତ୍ର ଅଶାନ୍ତି ଭୟ ହ୍ରାସ ପାଇଁ ବୃତ୍ତିଧାରୀମାନେ କେବେ ଶୁଭ ଚିନ୍ତାରେ ଧନ୍ଦା ଚଳାନ୍ତି ନାହିଁ। ଯେଉଁ କର୍ତ୍ତାରପୁର କରିଡ଼ର ପାକିସ୍ଥାନ ଖୋଲୁଛନ୍ତି। ସେ କର୍ତ୍ତାରପୁର କଣ? ସେ ବୁଝିଛନ୍ତି କି? କର୍ତ୍ତାଙ୍କର ତାହା ପୁର, କର୍ତ୍ତା କିଏ? ଭଗବାନ ହେଉଛନ୍ତି କର୍ତ୍ତା ଯେ ଏ ସଂସାର ଜୀବଜଗତ ବୃକ୍ଷଲତା, ମାଟି, ପାଣି, ଆକାଶ ସୃଷ୍ଟି କରିଛନ୍ତି। ତାଙ୍କୁ ଉପାସନା କରିବା ମନନ କରିବାର ସେ ସ୍ଥାନ। ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ଗୁରୁଦ୍ୱାର ପ୍ରଭୁଙ୍କ ଚିନ୍ତନ, ଭଜନ ଗୁଣଗାନର ସ୍ଥାନ, ଏଥିରେ କର୍ତ୍ତାରପୁର ଏକ ବିଶେଷ ସ୍ଥାନ ଯାହା ଗୁରୁନାନକଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି। ଗୁରୁନାନକ, ଲାହୋର ନିକଟ ତାଲବନ୍ଦୀ ନାମକ ଅଖ୍ୟାତ ସ୍ଥାନରେ ତା ୧୫.୦୪.୧୪୬୯ରେ ଜନ୍ମ ହୋଇଥିଲେ। ହେଲେ ସେ କର୍ତ୍ତାରପୁରରେ ନିଜ ବସତି ପାଇଁ ନିଜେ ଏକ ବାସଗୃହ ନିର୍ମାଣ କରିଥିଲେ। ଗୁରୁଙ୍କ ଲଙ୍ଗର ଏହା କର୍ତ୍ତାରପୁରରେ ପ୍ରଥମେ ଆରମ୍ଭ ହୋଇଥିଲା। ଗୁରୁ ମହାରାଜ ଗହମ ଚାଷ ନିଜେ କରୁଥିଲେ ମଥାରେ ବହନ କରି ସ୍ୱଖଳାକୁ ଆଣୁଥିଲେ। ତାଙ୍କୁ ଭାଇ ଲେହନା ଏ ଗ୍ରାମରେ ବହୁ ସହାୟକ ବହୁବାର ହୋଇଥିଲେ ଶେଷରେ ନାନକ ତାଙ୍କୁ ୨ ପୁଅଙ୍କୁ, ଗୁରୁଦାୟିତ୍ୱ ନଦେଇ ଏହି ଭାଇ ଲେହନାଙ୍କୁ ଦାୟିତ୍ୱ ନେଇଥିଲେ। ପରେ ତାଙ୍କ ନାମ ଗୁରୁ ଅଙ୍ଗଦ ହେଲା ସେ ଶିଖ୍ ଧର୍ମର ୨ୟ ଗୁରୁ ହେଲେ। ଗୁରୁ ଗ୍ରନ୍ଥ ସାହେବ ଅନେକ ବାଣୀ ଅଛି ମୋଟବାଣୀ ସଂଖ୍ୟା ୫୮୯୪ ତହିଁରେ ନାନକଙ୍କର ୨୨୧୬ ବାଣୀ ଅଛି ଓ ଗୁରୁ ଅଙ୍ଗଦଙ୍କ ୬୧ ବାଣୀ ଅଛି। ଗ୍ରନ୍ଥ ସାହେବରେ ରାଗରାଗିଣୀ ଜଡ଼ିତ ପ୍ରାୟ ୩୧ ପ୍ରକାର ରାଗ ସଂଶ୍ଲିଷ୍ଟ ଏହି ଗ୍ରନ୍ଥ। ଏହାର ଗାୟନ କଳା ମଧ୍ୟ ଗାୟନକାରୀ ଗୁରୁଙ୍କ ଠାରୁ ଶିକ୍ଷା କରନ୍ତି। ଏହି କର୍ତ୍ତାରପୁର ନାନକଙ୍କ ଶେଷ ନିଃଶ୍ୱାସ ୧୫୩୯ରେ ତ୍ୟାଗ ହୋଇଥିଲା ତାଙ୍କର ଶବାଧାର ପାଇଁ ହିନ୍ଦୁ ମୁସଲମାନ ଶିଷ୍ୟଙ୍କ ଭିତରେ ବିବାଦ ହୋଇଥିଲା କବର ଇସଲାମ ପଦ୍ଧତିରେ। ହିନ୍ଦୁମତରେ ସତ୍କାର ବିବାଦରେ ଶେଷର ଶବାଧାରରେ ରଖାଯିବା ଫୁଲ ହିଁ ନିଦର୍ଶନ ମିଳିଥିବା ଶବାଧାର ନଥିଲା ସେ ଫୁଲ ୨ଭାଗ ହୋଇ ୨ ପ୍ରକାର ସଂସ୍କାର ସେ ସ୍ଥାନରେ ହୋଇଥିଲା। ଏଥିରେ ଗୁରୁକରୁଣା ସବୁ ଶିଷ୍ୟ ଉପରେ ସମାନ ରହିଛି ଗୁରୁ ପ୍ରମାଣ କରିଛନ୍ତି। ରାଜକାର୍ଯ୍ୟରେ ରାଜନୀତିରେ ଅନେକ ରଙ୍ଗ ଅଛି ଏବେ ସାଧାରଣ ପ୍ରଜାଙ୍କୁ ଅନେକ ପ୍ରକାର ଭୂଆଁ ଧରାଇ ଦିଆଯାଉଛି ଭାରତ-ପାକିସ୍ଥାନରେ ନାନା ଅଶାନ୍ତି ମଧ୍ୟରେ ପାକିସ୍ଥାନର ସୀମା ଏ ପାରି ଭାରତ ପଟେ ଜନତାଙ୍କ ମଧ୍ୟରେ ବିଭେଦ ଲଗାଇ ଏକ ସ୍ଥାୟୀ ସରକାର କାର୍ଯ୍ୟକଳାପକୁ ପ୍ରତିବନ୍ଧକ ମାନସରେ ରଙ୍ଗିଆ କାର୍ଯ୍ୟକ୍ରମ କରିବାକୁ ଇମରାନ୍ ସରକାର ଲାଗିପଡ଼ିଛନ୍ତି। ହରିଙ୍କ କଥା ଆନନ୍ଦପ୍ରଦ ଏ ପାଇଁ ବୋଲ ଆନନ୍ଦ ଏକବାର ହରିବୋଲ। ଧ୍ୱନୀ ଅଛି, ପୁଣି ଶଠତାରେ ଶେଷ ପାଇଁ ହରିବୋଲ ଥୋକାଏ ସର୍ବଦା କରନ୍ତି। - ଜୟଜଗନ୍ନାଥ।

*ମୁଖ୍ୟ ସଂପାଦକ*
*'ବରେଣ୍ୟବାଣୀ', କଟକ*
*ଦୂରଭାଷ : ୯୪୩୭୦୩୧୨୫୩*

# ନାଗରିକତାର ଆନନ୍ଦ



ଡାକ୍ତର ନୀଳମାଧବ ପୃଷ୍ଟି

ପିଲାଦିନେ ସ୍କୁଲରେ ସାହିତ୍ୟ ବହିରେ 'ମୁକ୍ତିର ଆନନ୍ଦ' ଲେଖାଟି ପଢ଼ିଥିଲି। ଜଣେ ଜେଲ୍ ଫେରନ୍ତା ବ୍ୟକ୍ତି କିପରି ପଞ୍ଜୁରୀରେ ଥିବା ପକ୍ଷୀଙ୍କୁ ମୁକ୍ତ କରିଦେଉଛି, ସେ ସମ୍ପର୍କରେ ବର୍ଣ୍ଣନା କରାଯାଇଥିଲା। ଲେଖାଟି ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ଓ ମୋ ମନକୁ ଛୁଇଁଥିଲା। ବଡ଼ ହେବା ପରେ ମଧ୍ୟ ଅନେକ ଥର ମୁଁ ସେ ଲେଖାଟି ପଢ଼ିଛି। ଶବ୍ଦ ସଂଯୋଜନା ଏପରି ଥିଲା ଯେ, ପ୍ରତ୍ୟେକ ଥର ପଢିଲା ବେଳେ ମୁଁ ଭାବବିହ୍ୱଳ ହୋଇଯାଉଥିଲି। ସତରେ ମୁକ୍ତି ଶବ୍ଦରେ ଗୋଟିଏ ଅଲଗା ଶିହରଣ ଥାଏ। ବନ୍ଦୀ ଜୀବନରୁ ମୁକ୍ତି ହେଉ କି ଦୀର୍ଘ ଦିନର ଜଞ୍ଜାଳରୁ ମୁକ୍ତି ହେଉ, ଉଭୟର ଅନୁଭୂତି ଅବର୍ଣ୍ଣନୀୟ। ତେବେ ଲେଖକଙ୍କର ଏ ଲେଖାଟି ଜେଲରେ ବନ୍ଦୀ ଜୀବନ ଅତିବାହିତ କରୁଥିବା କୌଣସି ବ୍ୟକ୍ତିଙ୍କ ବିଷୟରେ ନୁହେଁ। ଏହି କାହାଣୀଟି ହେଉଛି ହରିୟାଣାର ଫତେହାବାଦରେ ବସବାସ କରୁଥିବା ୭୪ ବର୍ଷ ବୟସ୍କ ଦିବ୍ୟରାମଙ୍କ କାହାଣୀ। ରାସ୍ତା କଡ଼ରେ ବସି ସେ ଚିନାବାଦାମ ବିକ୍ରି କରନ୍ତି। ୧୨ ଡିସେମ୍ବରରେ ନାଗରିକତା ସଂଶୋଧନ ବିଲ ଆଇନରେ ପରିଣତ ହେବା ପରେ ତାଙ୍କ ଆଖିରୁ ଦୁଇ ଠୋପା ଆନନ୍ଦର ଅଶ୍ରୁ ଝରିପଡ଼ିଥିଲା। ଏତେ ଭାବବିହ୍ୱଳ ହୋଇଯାଇଥିଲେ ଯେ, ସେ ନିଜର ଖୁସି ବୟାନ କରିପାରୁନଥିଲେ। ତାଙ୍କୁ ଦୀର୍ଘ କୋଡିଏ ବର୍ଷର ଶରଣାର୍ଥୀ ଜୀବନରୁ ମୁକ୍ତି ମିଳିବାକୁ ଯାଉଛି। ତାଙ୍କର କାହାଣୀ ଯେତିକି ଆଶ୍ଚର୍ଯ୍ୟଜନକ ସେତିକି ରୋମାଞ୍ଚକର। ୧୯୪୭ ମସିହାରେ ଦେଶ ବିଭାଜନ ପରେ ଦିବ୍ୟରାମ ପାକିସ୍ତାନରେ ବସବାସ କରୁଥିଲେ। ବେନଜିର ଭୁଟ୍ଟୋ ପ୍ରଧାନମନ୍ତ୍ରୀ ଥିବା ସମୟରେ ସେ ପାକିସ୍ତାନର ସଂସଦକୁ ଜଣେ ସାଂସଦ ହିସାବରେ ମନୋନୀତ ହୋଇଥିଲେ। ପାକିସ୍ତାନର ସଂସଦରେ ଅଣମୁସଲିମ୍ ସଂପ୍ରଦାୟ ପାଇଁ କେତୋଟି ସ୍ଥାନ ସଂରକ୍ଷିତ ଥାଏ। ସାଂସଦ ଭାବେ ମନୋନୀତ ହେବା ପରେ ଆରମ୍ଭ ହେଲା ତାଙ୍କର ନିର୍ଯାତନାର କାହାଣୀ। ବିଭିନ୍ନ ମୁସଲିମ ଗୋଷ୍ଠୀ ଭିନ୍ନ ଉପାୟରେ ତାଙ୍କ ଉପରେ ଚାପ ପକାଇଲେ। ସେମାନେ ଚାହୁଁନଥିଲେ ଯେ ଜଣେ ହିନ୍ଦୁ ସଂସଦରେ ପ୍ରତିନିଧିତ୍ୱ କରୁ। ସାଂସଦ ହେବାର ପନ୍ଦର ଦିନ ପରେ ତାଙ୍କର ଝିଆରିକୁ ଅପହରଣ କରିନିଆଗଲା ଏବଂ ଇସ୍ତଫା ଦେବା ପାଇଁ ତାଙ୍କ ଉପରେ ଚାପ ପକାଗଲା। ସେ ଅଦାଲତର ଦ୍ୱାରସ୍ଥ ହେଲେ ମଧ୍ୟ କିଛି ଫାଇଦା ମିଳିଲା ନାହିଁ। ସାଂସଦ ମନୋନୀତ ହେବାର ତିନିମାସ ପରେ ସେ ନିଜର ଇସ୍ତଫା ପ୍ରଦାନ କଲେ।

ଧାର୍ମିକ ଭେଦଭାବ ଓ ଅକଥନୀୟ ଅତ୍ୟାଚାର ସହି ନପାରି ୨୦୦୦ ମସିହା ଜାନୁଆରୀ ମାସରେ ସେ ପରିବାର ସହ ଭାରତ ପଳାଇଆସିଲେ। ପାକିସ୍ତାନରେ ସେ ନିଜର ୨୫ ଏକର ଜମି ଛାଡ଼ି ଆସିଲେ। ମାତ୍ର ଏକ ମାସ ପାଇଁ ଭିସା ନେଇ ସେ ଭାରତ ଆସିଥିଲେ। ମାତ୍ର ପାକିସ୍ତାନରେ ତାଙ୍କ ଉପରେ ଅତ୍ୟାଚାର ହେଉଥିବା ଦର୍ଶାଇ ସେ ଭିସାର ଅବଧି ବଢ଼ାଇବାକୁ ଆବେଦନ କଲେ। ତାଙ୍କର ଭାରତ ଆସିବା ଆଜକୁ ପ୍ରାୟ ୨୦ବର୍ଷ ହୋଇଗଲା। କେବଳ ଦିବ୍ୟରାମ ନୁହନ୍ତି, ପାକିସ୍ତାନରେ ଏକ ବିଧାନସଭାରେ ମନ୍ତ୍ରୀ ଥିବା ବଳଦେବ ସିଂଙ୍କର ମଧ୍ୟ ସେହି ଅବସ୍ଥା। ପାକିସ୍ତାନରେ ସଂଖ୍ୟାଧିକ ସଂପ୍ରଦାୟ ଦ୍ୱାରା ଶୋଷଣର ଶିକାର ହେବାପରେ ଜୀବନ ବଞ୍ଚାଇବାକୁ ପରିବାର ସହ ଭାରତରେ ଶରଣାର୍ଥୀ ହିସାବରେ ରହିଆସୁଛନ୍ତି। ଦିବ୍ୟରାମ ଓ ବଳଦେବ ସିଂଙ୍କ ବିଷୟକୁ ଅନୁଧ୍ୟାନ କଲେ ସେମାନଙ୍କ ଉପରେ ଯେ ଧାର୍ମିକ ଆଧାରରେ ଅତ୍ୟାଚାର କରାଯାଉଥିଲା, ତାହା ସହଜରେ ଅନୁମେୟ। ଏହା ନ ହେଲେ, ସମାଜର ଉଚ୍ଚ ସ୍ଥାନରେ ଥିବା ତଥା ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ ଥିବା ଜଣେ ବ୍ୟକ୍ତି ଅନ୍ୟ ଦେଶରେ ଶରଣାର୍ଥୀ ଜୀବନ ବା କାହିଁକି ଅତିବାହିତ କରିବ! ପାକିସ୍ତାନରେ ସଂଖ୍ୟାଲଘୁ ହିନ୍ଦୁ ଓ ଶିଖଙ୍କ ଉପରେ ଅତ୍ୟାଚାର କିଛି ନୂଆକଥା ନୁହେଁ। ପାକିସ୍ତାନର ପ୍ରଥମ ଆଇନ ମନ୍ତ୍ରୀ ଭାବେ ଦାୟିତ୍ୱ ନେଇଥିବା ଯୋଗେନ୍ଦ୍ରନାଥ ମଣ୍ଡଳ ମୁସଲିମ ବହୁଳ ପାକିସ୍ତାନରେ ଭେଦଭାବର ଶିକାର ହୋଇ ୧୯୫୦ ମସିହାରେ ଭାରତ ପଳେଇ ଆସିଥିଲେ। କେବଳ ଏମାନେ ନୁହଁନ୍ତି, ପଞ୍ଜାବର ଅମୃତସର ଓ ଜଳନ୍ଧରରେ ଏହିପରି ଅନେକ ଲୋକ ଶରଣାର୍ଥୀ ଜୀବନ ବିତାଉଛନ୍ତି। କେବଳ ପାକିସ୍ତାନ ନୁହେଁ, ଆଫଗାନିସ୍ତାନ ଓ ବାଙ୍ଗଲାଦେଶରେ ମଧ୍ୟ ସେଇ ସମାନ ଅବସ୍ଥା। ସେଠାରେ ରହିବାକୁ ହେଲେ ଇସଲାମ ଗ୍ରହଣ କରିବାକୁ ପଡ଼ିବ ନହେଲେ ଅତ୍ୟାଚାରର ସାମ୍ନା କରିବା ପାଇଁ ହେବ। ନିକଟ ଅତୀତରେ ପାକିସ୍ତାନରେ ଅନେକ ହିନ୍ଦୁ ଝିଅଙ୍କୁ ସଂଖ୍ୟାଧିକ ମୁସଲିମ ମାନଙ୍କ ଦ୍ୱାରା ଅପହରଣ ଓ ଧର୍ମ ପରିବର୍ତ୍ତନର ଅଭିଯୋଗ ଆସିଛି। ଉପରୋକ୍ତ ତିନୋଟି ଦେଶରେ ହିନ୍ଦୁ ଜନସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବା, ନିଶ୍ଚିତ ଭାବରେ ଧାର୍ମିକ ଆଧାରରେ ଅତ୍ୟାଚାରକୁ ପ୍ରମାଣ କରୁଛି। କେବଳ ହିନ୍ଦୁ ନୁହନ୍ତି, ସମସ୍ତ ସଂଖ୍ୟାଲଘୁ ସଂପ୍ରଦାୟ ଏହି ଶୋଷଣର ଶିକାର ହେଉଛନ୍ତି। ୧୯୪୭ ମସିହାରେ ପାକିସ୍ତାନରେ ହିନ୍ଦୁ ଜନସଂଖ୍ୟା ୧୨.୯ ପ୍ରତିଶତ ଥିବାବେଳେ ବର୍ତ୍ତମାନ ଏହା ହ୍ରାସ ପାଇ ୧.୬ ପ୍ରତିଶତ। ସେହିପରି ବଙ୍ଗଳାଦେଶରେ ହିନ୍ଦୁ ଜନସଂଖ୍ୟା ୨୨ ପ୍ରତିଶତରୁ ହ୍ରାସ ପାଇ ଆଜି ୮.୫ ପ୍ରତିଶତରେ ପହଞ୍ଚିଛି। ଏଣୁ ଏମାନଙ୍କୁ ସଠିକ ଭାବରେ ଆଶ୍ରୟ ଦେବା ଆମର ଦାୟିତ୍ୱ ଓ କର୍ତ୍ତବ୍ୟ ମଧ୍ୟ। ଏପରି ପରିସ୍ଥିତିରେ ନାଗରିକତା ସଂଶୋଧନ ଆଇନ ଏହି ଶରଣାର୍ଥୀ ମାନଙ୍କ ପାଇଁ ବରଦାନ ସଦୃଶ। ହଜାର ହଜାର ଶରଣାର୍ଥୀଙ୍କ ମୁହଁରେ ଏହି ଆଇନ ଆଜି ହସ ଫୁଟାଇ ପାରିଛି। ଏକ ପାକିସ୍ତାନୀ ହିନ୍ଦୁ ଶରଣାର୍ଥୀ ଦମ୍ପତି ସେମାନଙ୍କର ନବଜାତ ଶିଶୁର ନାମ ନାଗରିକତା ରଖିବା, ସେମାନଙ୍କର ଅନ୍ତରର ଖୁସିକୁ ଦର୍ଶାଉଛି। ଏହି ଆଇନ ଶରଣାର୍ଥୀ ମାନଙ୍କୁ ନ୍ୟାୟ ଦେବା ସଙ୍ଗେ ସଙ୍ଗେ ଅନୁପ୍ରବେଶ ରୋକିବାକୁ ମଧ୍ୟ ସକ୍ଷମ ହୋଇପାରିବ। ଏହା କେନ୍ଦ୍ର ସରକାରଙ୍କ ଦୃଢ଼ ଇଚ୍ଛାଶକ୍ତି ଓ ସାଲିସବିହୀନ ରାଜନୀତିର ଆଉ ଏକ ନମୁନା।

*ପାଣିକୋଇଲି, ଯାଜପୁର*
*ଦୂରଭାଷ : ୯୪୩୯୪୮୨୫୨୬*

**ତପ –**

ଏହି ପ୍ରକାରରେ ଆମେ ଆତ୍ମ ସଂଯମର ମାର୍ଗରେ କ୍ରମଶଃ ଆଗକୁ ବଢ଼ିପାରିବା। ଶ୍ରୀକୃଷ୍ଣ ପରମାତ୍ମାଙ୍କ ଗୀତାରେ ସୁନ୍ଦର ବାଖ୍ୟା ଅନୁସାରେ ଦେବ, ବ୍ରାହ୍ମଣ, ପଣ୍ଡିତ ଗୁରୁଙ୍କର ପୂଜା, ସମ୍ମାନ, ଅନ୍ତରର ବିଚାର ବ୍ୟବହାର ଶୁଦ୍ଧି, ସରଳତା, ସଦାଚାର ଅହିଂସା ଇତ୍ୟାଦି ତପ ଅଟେ। ଯିଏ ସଦୈବ ପ୍ରସନ୍ନ ରହିଥାଏ ଓ ଶାନ୍ତ ପ୍ରକୃତି, ସ୍ଥିରମନା ସେ ସଦୈବ ନିଶ୍ଚିତ ଭାବେ ତପସ୍ୱୀ ବୋଲି ପରିଗଣିତ ହେବେ। ବ୍ରହ୍ମଲୀନ ସ୍ୱାମୀ ଶ୍ରୀ ଦେବାନନ୍ଦ ମହାରାଜ କୀର୍ତ୍ତନାଚାର୍ଯ୍ୟ ଭାବେ ଜଣାଶୁଣା ଥିଲେ। ସେ କୀର୍ତ୍ତନ ଆରମ୍ଭ କରିବା ପୂର୍ବରୁ କହୁଥିଲେ ସତ୍ୟଯୁଗରେ ପ୍ରାଣ ଅସ୍ଥିଗତ ଥିଲା, ତ୍ରେତୟାରେ ମଜ୍ଜାଗତ, ଦ୍ୱାପରରେ ରକ୍ତଗତ ଏବଂ କଳିଯୁଗରେ ଅନ୍ନଗତ ପ୍ରାଣ। ପୁଣି ମଜାରେ କହୁଥିଲେ କଳିଯୁଗରେ 'ଟି' ଗତ ପ୍ରାଣ ଓ 'କଫି' ଗତ ପ୍ରାଣ ମଧ୍ୟ କହିବା। ତେବେ ତପ ସମ୍ଭବ ହେବ କିପରି? ଈଶ୍ୱର ଆମ ଦୁର୍ବଳତାକୁ ଜାଣନ୍ତି। ସେଥିପାଇଁ ଶାସ୍ତ୍ର ଏବଂ ସନ୍ଥଲୋକ କୁହନ୍ତି କଳିଯୁଗର ମନୁଷ୍ୟ ଅଳ୍ପାୟୁ ହେବ। ରାବଣ ତଥା ଅନ୍ୟ ଅସୁରମାନେ ଦଶହଜାର ବର୍ଷ ତପ କରି ପାରୁଥିଲେ। ଆମେ ଆମ ଜୀବନରେ ଏହା କଳ୍ପନା ବି କରିପାରିବା ନାହିଁ। ତେଣୁ ସତ୍ୟଯୁଗରେ ଧର୍ମ ତପ ଥିଲା। ତ୍ରେତାରେ ଜ୍ଞାନ, ଦ୍ୱାପରରେ ଯଜ୍ଞ, କଳିଯୁଗରେ ଦାନ ଏବଂ ଇନ୍ଦ୍ରିୟ ନିଗ୍ରହ ତପ ଅଟେ। ଜଣାରେ ହେଉ ଅଥବା ଅଜାଣତରେ ହେଉ କାହାକୁ କଷ୍ଟ ନଦେବା ନିଜେ କଷ୍ଟ ସହିଯିବା ଏ ମଧ୍ୟ ତପ। ସୁନାକୁ ଆଉଟିଲେ ତାହା ଅଧିକ ଉଜ୍ଜ୍ୱଳ ହୋଇଥାଏ, ଆଖୁ ଯେତେ ଚୋବାଇଲେ ତାହାର ସ୍ୱାଦକୁ ସେତେ ଅନୁଭବ କରି ହୋଇଥାଏ। ଯେତେ ଯେତେ ମୁମୁକ୍ଷୁ ତପ ବୃଦ୍ଧି କରିଥାଏ। ସେତେ ସେତେ ତା ଜୀବନରେ ଓଜସ, ତେଜସ୍‌ର ବୃଦ୍ଧି ହୋଇଥାଏ। ପ୍ରତ୍ୟେକ ବିଷୟକୁ ଜାଣିବା ପାଇଁ ସୁନିଶ୍ଚିତ ପାଠ୍ୟକ୍ରମ ଥାଏ। ସେପରି ଈଶ୍ୱରଙ୍କୁ ଜାଣିବା ପାଇଁ ପାଠ୍ୟକ୍ରମର ନାମ ତପ। ଈଶ୍ୱରଙ୍କ ଅସ୍ତିତ୍ୱର ଶଙ୍କା କରିବା ଅନୁଚିତ। ତପ ଦୁଷ୍କର ନୁହେଁ କିନ୍ତୁ ଏହା ବାହ୍ୟ ଆଡମ୍ବର ବା ଦେଖାଇହେବା ଜିନିଷ ନୁହେଁ। ତୁମେ ବସ୍ତ୍ର ପିନ୍ଧ କିମ୍ବା ଦିଗମ୍ବର ରୁହ ଏଥିରେ ତୁମର ତପଶ୍ଚର୍ଯ୍ୟାରେ କୌଣସି ଫରକ ପଡିନଥାଏ। ମହତ୍ୱପୂର୍ଣ୍ଣ ଓ ଆବଶ୍ୟକ ଏହା ଅଟେ ଯେ, ଈଶ୍ୱର ଚିନ୍ତନର ସତ୍ୟତା କେତେ ରହିଛି। ମନ କ୍ଷଣଭର ପାଇଁ ଈଶ୍ୱରୀୟ ଚିନ୍ତନଠାରୁ ଅଲଗା ନ ହେଉ ସେଥିପାଇଁ ପ୍ରଯତ୍ନ ହିଁ ତପ। ମନେ ରଖିବା ଉଚିତ ଯେ, ତୁ ଈଶ୍ୱରଙ୍କ ଠାରୁ ଦୂରରେ ନୁହେଁ, ଯାହା ତୋର ଭୁଲ ନୁହେଁ। ଦେଖିବାର ଆଖି ନାହିଁ, ଭଗବାନ କ'ଣ କରିପାରେ?

*(କ୍ରମଶଃ)*



ମୂଳ ଗୁଜୁରାଟୀ- ସ୍ୱାମୀ ଶ୍ରୀ ଆଧ୍ୟାତ୍ମାନନ୍ଦ ସରସ୍ୱତୀ ମହାରାଜ

**ଦୈବୀ ସମ୍ପଦା**

ଅନୁବାଦ- ଉପାଳୀ ଦାଶ



# ସିନେମା



**ଶକ୍ତି ମହାନ୍ତି**

ସ୍ୱପ୍ନର ଛଦ୍ମବେଶ ପିନ୍ଧି
ତୋରି ନିଦକୁ ଓହ୍ଲାଏ
ଦେହେ ଥାଏ ମୋ’ର ନଅଙ୍କର ଭୋକ
ଆଉ ତୋ’ ବାସ୍ତବତା
ସେଠି ଯେ ଅନେକ ଲୋକ,
ହଅନା ଗୋଟେ ଆଇସ୍‌କ୍ରିମ୍
ମାତ୍ର ରାତିକ ପାଇଁ, ଦେଖ୍ ମୁଁ ପାଲଟୁଛି
ମୃତ୍ୟୁ ପରି ଗୋଟେ ହେମାଳ ଫ୍ରିଜ୍
ସାଇତିବାକୁ ତତେ ଯେଉଁଠି
ଚନ୍ଦ୍ର, ସୂର୍ଯ୍ୟଙ୍କ ଯା’ଆସ ନାହିଁ

ରାତିର ଛାଇ ପିନ୍ଧି
ତୋ’ରି ବାଟକୁ ଓହ୍ଲାଏ
ଯେବେ ବସ୍ତା ବସ୍ତା ଟାଲ୍‌କମ୍ ପାଉଡର୍
କୁହୁଡି ହୋଇ ସବୁଦିଗ ବିଞ୍ଚିଯାଏ
ସେଇ ଜାଡ଼ରାତି ମୁଁ,
ଲିଭେଇ ଦେ’ନା ତୋ’ ଶିଡିଘର ଆଲୁଅ
ପୋଛିଦେ’ ଚିକ୍ ଚିକ୍ ପ୍ରତିଟି ନକ୍ଷତ୍ରର
ଦେଖ୍ କେମିତି ମୁଁ ଉଭା ହେଉଛି
ଫିଙ୍ଗିଦେଇ କ୍ଷଣିକ ରାତିର ଚାଦର





ଆତ୍ମାର ଆବରଣ ପିନ୍ଧି
ତୋ’ରି ଦେହକୁ ଓହ୍ଲାଏ
ଈଶ୍ୱରଙ୍କଠୁ, ମନ୍ତ୍ରଠୁ, ଶରୀରଠୁ
ଯେବେ ତୋ’ର ବିଶ୍ୱାସ ତୁଟିଯାଏ
ମୁଁ କବିତା ଗାଏ,
ସତ-ମିଛର ଭେଳିକି ପୋଛିଦେଇ
ଡଷ୍ଟବିନ୍‌ରେ ସମୟକୁ ଫିଙ୍ଗିଦେଇ
ଶୁଣ୍ ନା ଥରେ ମତେ ଆଖିମୁଦି,
ଦେଖ୍ ମୁଁ ପାଲଟିଯାଉଛି ନିରବତା
ଜନ୍ମ-ମୃତ୍ୟୁର ମାୟା ଭେଦି

*ଜୟବଡ଼, ଜଗତସିଂହପୁର*

# ଦର୍ପଣ



**ଇପ୍‌ସିତା ଷଡ଼ଙ୍ଗୀ**

ଏ ଭିତରେ ଚାଲ
ଆମେ ଶବ୍ଦକୋଷଟେ ରଚିବା
ଆମର, ସେଥିରେ ଥିବ
ଅସଂଖ୍ୟ ସଙ୍କେତ
ସେ ସଙ୍କେତକୁ ବୁଝିବ ତମେ
ବୁଝିବି ମୁଁ ହିଁ କେବଳ।

କହ, ଏବେ କେଉଁ ପରି
ଚିହ୍ନ କରିବା ଫୁଲ ପାଇଁ,
କି ଚିହ୍ନରେ ମନ, କି ଚିହ୍ନରେ
ହୃଦୟ, ଦୁଃଖ, ସମୟ, ଅଭିମାନ
କି କି ଚିହ୍ନ ନେଇ ପ୍ରକାଶିବେ ନିଜ ନିଜକୁ



ଗାଲର ଭଉଁରୀ, ମଉନ ହସ
ମନମାରି ବସିଥିବା ଯାବତୀୟ ରକ୍ଷିବାର
ଥମ୍ ଥମ୍ ମୁହଁ ?

ପ୍ରତି ପୃଷ୍ଠା ସାମ୍ନାରେ
କାଚଟିଏ ରଖୁଥିବା
ଏପଟେ ଗୋଟେ ହଳ ଆଖିର ପାରଦ
ଆରପଟେ, ଆର ହଳ ଆଖି
ହେଉଥିବ ଗୋଟେ ସମ୍ପର୍କର ଦର୍ପଣ !

କହ, କେଉଁ ସଙ୍କେତରେ
ଚିହ୍ନେଇବା ବୋହୁଥିବା
ଏ ସ୍ରୋତସ୍ୱିନୀ ଅଦ୍ଭୁତ ଧାରକୁ !

ମୋ ମନକୁ କ’ଣ ଆସେ ଜାଣ -
ସବୁ ସମ୍ପର୍କ ପାଇଁ



ସତେ କ’ଣ ନାଁଟିଏ ନିହାତି ଜରୁରୀ ?
ଜରୁରୀ କ’ଣ ସଙ୍କେତ କି ଚିହ୍ନ ?

ଚାଲ - ଶୂନ୍ୟରେ, ସୂକ୍ଷ୍ମରେ
ହଜେଇ ଦେବା ସବୁ
ନାଁ କୁ, ସଙ୍କେତକୁ।

ଚାଲ, ଖାଲି ପୃଷ୍ଠାର ସହସ୍ର କାଗଜକୁ
ବନ୍ଧେଇ କରିବା
ସନ୍ତର୍ପଣରେ ରଖିଦେଇ ସବୁ ଅଭିମାନକୁ
ଭିତରେ
ଆଗ ଆଉ ପଛର
ମଲାଟ ହେଇଯିବା ଆମେ ଦୁହେଁ
ଚାଲ।

*ଗୁହାଳପଡା, ନିମାପଡା, ପୁରୀ*
*ଦୂରଭାଷ : ୯୮୬୧୩୩୩୯୪୪*

# କୁମ୍ଭ ମେଳାର ସେହି ରହସ୍ୟମୟ ସାଧକ

**ଦେବସ୍ମିତା ବେହେରା**





**ଜୀ**ବନ ହେଉଛି ନାମ ଅନୁଭବର, ଜୀବନ ହେଉଛି ନାମ ଖୋଜିବାର,ଜୀବନ ହେଉଛି ନାମ ଜିଜ୍ଞାସାର..। ଜୀବନ ହେଉଛି ନାମ କାମନାର । କାହାର ଧନର କାମନା ଅଛି ତ,କାହାର ଯଶର କାମନା ଅଛି ତ,ଆଉ କାହାର କାମନା ଅଛି ପଦବୀର। କାହାର ଭଲ ସ୍ତ୍ରୀ ଅଥବା ଭଲ ସ୍ୱାମୀର କାମନା ଅଛି ତ କାହାର କାମନା ଅଛି ଭଲ ପାଇବାର। ଦେଖିବାକୁ ଗଲେ ଆମ ସମସ୍ତଙ୍କର ଜୀବନ କାମନାମୟ ହିଁ ହୋଇଥାଏ । ଯୋଗୀ-ସନ୍ଥ-ସାଧୁ-ତାନ୍ତ୍ରିକ ମାନେ ମଧ୍ୟ ବଶୀଭୂତ ହୋଇଥାଆନ୍ତି କାମନାର କେହି ମୋକ୍ଷର କାମନା କରି ସାଧନା କରେ ତ, କେହି ଶକ୍ତି ସଞ୍ଚୟ ପାଇଁ ସାଧନା କରନ୍ତି । କେହି ପରମାର୍ଥ ପାଇଁ ସାଧନା କରେ ତ କେହି କାମିନୀ ପାଇଁ, କେହି କାଞ୍ଚନ ପାଇଁ ତ କେହି କେହି ଶତ୍ରୁର ବିନାଶ ପାଇଁ ସାଧନା କରନ୍ତି।

ମାତ୍ର ସ୍ୱାମୀ ବିଜନୌରୀଙ୍କ ମତରେ କାମନା ବିହୀନ ଭାବନା ରିକ୍ତ ଜୀବନ,ଅନ୍ତତଃ ମଣିଷ ପକ୍ଷରେ ଅସମ୍ଭବ। ପତ୍ୟେକ ମଣିଷ କାମନାର ବଶୀଭୂତ ହୋଇଥାଏ। କୌଣସି ନା’ କୌଣସି କାମନା ସବୁ ସମୟରେ ଘେରି ରହିଥାଏ ମଣିଷକୁ। ଅକାମ ସାଧନ-ନିଷ୍କାମ ସାଧନା-ଅନାସକ୍ତ ସାଧନା,ତାଙ୍କ ମତରେ ହେଉଛି ସବୁ କେବଳ ବହିରେ ଲେଖା ହୋଇଥିବା କଥା। ସ୍ୱାମୀଜୀ କହନ୍ତି,ନିଶ୍ଚୟ ପରମହଂସଙ୍କର ସ୍ଥିତିକୁ ପ୍ରାପ୍ତ କରିବା ବାଲା ସାଧକ ଥିବେ ଯିଏ ଅନାସକ୍ତ-ନିଷ୍କାମ ସାଧନାରେ ରତ ହୋଇପାରିବେ..,ହେଲେ ଅଧିକାଂଶ ଭାବରେ ଅନାସକ୍ତ-ନିଷ୍କାମ ସାଧନା ବହୁତ କଠିନ କାମ ହୋଇଥାଏ । ସ୍ୱାମୀ ବିଜନୌରୀଙ୍କ ପରି ଯାଯାବରଙ୍କର ଶବ୍ଦକୋଷରେ ତ ନିଷ୍କାମ ସାଧନା କରିବା ହେଉଛି ଅସମ୍ଭବ । ସେ କାଲି ବି କାମନାର ପୂର୍ତ୍ତି ପାଇଁ ଘୁରି ବୁଲୁଥିଲେ, ଆଜି ବି ତାଙ୍କ ପଥହୁଡା ମନ ତାଙ୍କୁ ଶାନ୍ତିରେ ବସିବାକୁ ଦଉନାହିଁ ଆଉ ବୋଧହୁଏ ସାରା ଜୀବନ କିଛି ନାଟ କିଛି କାମନା ଆସି ତାଙ୍କ ମନକୁ ସାଧନାର ପଥରୁ ବାଟବଣା କରାଉ ଥିବ।

ଏମିତି ଭଟକୁଥିବା ମନକୁ ଶାନ୍ତି ପ୍ରଦାନ କରିବାର ଉଦ୍ଦେଶ୍ୟ ମୋ ଭଳି ଯାଯାବରକୁ ବହୁତ ଗୁଡିଏ ଅନୁଭବ ପ୍ରଦାନ କଲା ବୋଲି କହନ୍ତି ସ୍ୱାମୀଜୀ। ସେ କହିଲେ, ବଡ ବଡ ସାଧକଙ୍କର ଦର୍ଶନ ସେ ପାଇଛନ୍ତି ତାଙ୍କ ଜୀବନରେ, ବହୁତ ବଡ ବଡ ପ୍ରପଞ୍ଚି ସାଧୁ ବେଶଧାରୀ ନାଟକକାର ମଧ୍ୟ ମିଳିଛନ୍ତି ତାଙ୍କୁ। କେତେବେଳେ ଅତ୍ୟନ୍ତ ସାଦା ବେଶଭୂଷାରେ ମହାନ୍ ସାଧକଙ୍କ ସହିତ ଭେଟ ହେଇଛି ତ କେତେବେଳେ ମହାପାଖଣ୍ଡି ତନ୍ତ୍ର ସମ୍ରାଟଙ୍କୁ ଭେଟିଛନ୍ତି ସେ । ଦେଖିବାକୁ ଗଲେ ସେ ଅଳ୍ପ ବୟସରେ ବହୁତ କିଛି ଅନୁଭୂତି ସାଉଁଟି ସାରିଛନ୍ତି ଜୀବନରେ। ତାଙ୍କର ଏହି ଯାଯାବର ପ୍ରବୃତ୍ତି ୧୯୭୭ ମସିହାରେ ତାଙ୍କୁ ନେଇ ପହଞ୍ଚାଇ ଦେଲା ଇଲାହାବାଦ୍‌ର କୁମ୍ଭ ମେଳାରେ। ସେ କାନ୍ଧରେ ଗୋଟିଏ ଛୋଟ ଝୋଲା ମୁଣା ଧରି ଆସି ପହଞ୍ଚିଗଲେ କୁମ୍ଭ ମେଳାରେ। ସେଦିନ ସେହି ମେଳାକୁ ଆସୁଥିଲେ ଦେଶର ତତ୍‌କାଳୀନ ପ୍ରଧାନମନ୍ତ୍ରୀ। ତାଙ୍କ ସୁରକ୍ଷା ପାଇଁ ଚାରିଆଡେ ଥିଲା କଡା ପହରା। ସେ ସମୟରେ ସୁରକ୍ଷାର ଏତେ ଆବଶ୍ୟକତା ପଡୁନଥିଲା। ତେଣୁ ପ୍ରଧାନମନ୍ତ୍ରୀଙ୍କର ଆଗମନରେ କୌଣସି ଫରକ୍ ପଡିଲାନି ମେଳାରେ।

ଜଣେ ଭଦ୍ରବ୍ୟକ୍ତିଙ୍କ ସହିତ ଧକ୍କା ହୋଇଗଲା ତାଙ୍କର ଷ୍ଟେସନ୍‌ରେ। ସେ ସେହି ବ୍ୟକ୍ତିଙ୍କ ସହିତ ପହଞ୍ଚିଲେ ନାଗା ସାଧୁଙ୍କର ଆବାସ କ୍ଷେତ୍ରରେ। ହେଲେ ସେ ସେଠି ଗୋଟିଏ ଧୂର୍ତ୍ତତା ଦେଖି ଆଶ୍ଚର୍ଯ୍ୟ ହେଇଗଲେ । ଥଣ୍ଡାର ପ୍ରକୋପ ଯୋଗୁଁ ହେଉ ଥିବା ବୃଦ୍ଧାବସ୍ଥା ପାଇଁ ହେଉ ରାତିରେ ଜଣେ ସାଧୁଙ୍କର ମୃତ୍ୟୁ ହୋଇଗଲା। ସେହି ସାଧୁଙ୍କ ସହିତ ଜଡିତ ଥିବା ଅନ୍ୟ ସାଧୁମାନେ ମୃତ ସାଧୁଙ୍କର ନିର୍ଜୀବ ଶରୀରକୁ ଯେନତେନ ପ୍ରକାରେ ମୋଡି ମାଡି ପଦ୍ମାସନରେ ବସେଇ ଦେଲେ । ଚାରି ପାଞ୍ଚ ଘଣ୍ଟା ପରେ ଶରୀର ପୁରା ଟାଣ ହେଇ ସ୍ଥିର ହୋଇଗଲା ପଦ୍ମାସନରେ । ସେହି ଟେଣ୍ଟ ଆଶ୍ରମ ବାହାରେ ଚଉକିଟେ ପକେଇ ମୃତ ସାଧୁଙ୍କୁ ବସେଇ ଦେଇ ଧୂପ-ଦୀପ-ଫୁଲ ମାଳା ରଖିଦେଲେ । କିଛି ଘଣ୍ଟା ଭିତରେ ସେହି ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ମେଳାରେ, ମୃତ ସାଧୁଙ୍କ ଆଗରେ ହଜାର ହଜାର ଟଙ୍କା ଜମା ହୋଇଗଲା । ସନ୍ଥଙ୍କ ମୃତ ଶରୀରକୁ ଦ୍ୱିପହର ପରେ ଜଳ ସମାଧି ଦିଆଗଲା । ବାକି ଟଙ୍କା ସବୁ ନାଗା ବାବାଙ୍କର ଉପଯୋଗରେ ନିଶ୍ଚୟ ଆସିଥିବ।

ସେହି ମେଳାରେ ସ୍ୱାମୀଜୀଙ୍କୁ ଗୋଟିଏ ଅକଳ୍ପନୀୟ ଅନୁଭୂତି ହେଲା । କୌଣସି ଧନୀ ସେଠ୍‌ଙ୍କର ମୃତ ଯୁବା ପୁତ୍ରକୁ ଅଣାଗଲା ଗଙ୍ଗା ତଟକୁ। ସେହି ଯୁବକଟି ଥିଲା ସେହି ଧନୀ ଲୋକଙ୍କର କୂଳର ଦୀପକ। ପରିବାର ବର୍ଗ କାର୍‌ରେ ସେହି ଯୁବକର ଶରୀରକୁ ନେଇ ଆସିଥିଲେ । ଗଙ୍ଗା କୂଳରେ ସେହି ଯୁବକର ମୃତ ଶରୀରକୁ ରଖି ଯୁବକର ମା’ ବିଳାପ କରୁଥିଲେ ଦୁଃଖରେ ଆଉ କହୁଥିଲେ, ‘ଏତେ ବଡ ମେଳାରେ କ’ଣ ଏମିତିବି ଜଣେ ଧର୍ମାତ୍ମା ନାହାନ୍ତି ଯିଏ ମୋ ପୁଅକୁ ସର୍ପର ବିଷରୁ ମୁକ୍ତି ଦେଇପାରିବ ?’ ଛାତିକୁ ପିଟି ପଟି ଅତି ବିକଳ ଭାବରେ ବିଳାପ କରୁଥିଲେ ଯୁବକର ମା’ । ଅନ୍ୟ ପରିଜନ ମାନେ ମଧ୍ୟ ବସିଥିଲେ ପାଖରେ। ସେମାନେ ବୋଧହୁଏ କୌଣସି ଚମତ୍କାରର ଅପେକ୍ଷାରେ ଥିଲେ।

ସବୁ ଯାତ୍ରୀଗଣ ସେହି ପଟ ଦେଇ ଗଲାବେଳେ, ଟିକିଏ ଅଟକି ଯାଉଥିଲେ ବିଳାପରତା ମା’ ପାଖରେ ଆଉ ନିଜର ସମ୍ବେଦନା ବ୍ୟକ୍ତ କରି ଆଗକୁ ଚାଲି ଯାଉଥିଲେ। ମା’ଟିର ବିଳାପ ଥିଲା ଅସହନୀୟ । ହଠାତ୍ ଭିଡ ଭିତରୁ ଅତ୍ୟନ୍ତ ସାଧାରଣ ମନୁଷ୍ୟ ଜଣେ ବାହାରି ଆସିଲେ। ତାଙ୍କ କାନ୍ଧରେ ଝୁଲୁଥିଲା ଗୋଟିଏ ଥଳି ଅଣ୍ଟାରେ ଗୋଟିଏ ଚିରା ଫଟା ତଉଲିଆ ଭିଡା ହୋଇଥିଲା। ଲମ୍ବା ଜଟ ହୋଇଥିବା ବାଳ ଆଉ ଲାଲ୍ ଲାଲ୍ ଆଖି। ସେହି ଲୋକ ଜଣକ ଥିଲେ ଜଣେ ଅସାଧାରଣ ସାଧକ। ସେହି ଲୋକ ଜଣକ କିଛି କ୍ଷଣ ଅଟକି ଆଗ ସ୍ଥିତିର ଅବଲୋକନ କଲେ। ପାଖକୁ ଯାଇ ଯୁବକଟିର ନିର୍ଜୀବ ଶରୀରର ଅବଲୋକନ କରି କହିଲେ, ଚୁପ୍ ହୋଇଯାଅ ମା’, ଚିତ୍କାର କରିବା-ଚିଲ୍ଲେଇବା ବନ୍ଦ କର। ସେ ନିଜ କର୍ମର ଫଳ ଭୋଗୁଛି, ତୁ ମୁଣ୍ଡ ବାଡେଇଲେ କ’ଣ ହେବ ? ତୁ କାହିଁକି ତୁଚ୍ଛାଟାରେ କାନ୍ଦୁଛୁ ? ମୁଁ କେବଳ ତୋ ଆଖିର ଲୁହ ଦେଖି ମୁଁ ଅଟକି ଗଲି। ଦେଖ, ମୁଁ ଚେଷ୍ଟା କରୁଛି ତୋ ପୁଅକୁ ବଞ୍ଚେଇବାକୁ। ଆଗକୁ ଯାହା ହେବ ତାହା ମହାକାଳଙ୍କର ଇଛା।

ତା’ପରେ ଲୋକଙ୍କ ଭିଡକୁ ଦେଖି ଚିତ୍କାର କରି ଉଠିଲେ ସାଧକ ଜଣକ ଆଉ କହିଲେ, ‘ଆରେ..,ଏଠି କ’ଣ କିଛି ନାଟକ ଚାଲିଛି ଯେ ଦେଖିବାକୁ ଭିଡ ଜମେଇଛ ! ପଳାଅ ଏଠାରୁ, ନହେଲେ ତମ ମାନଙ୍କ ମଧ୍ୟରୁ କାହାରି ବି ଅବସ୍ଥା ଏମିତି ହେଇପାରେ।’ ସାଧକଙ୍କ କଥା ଶୁଣି ଭୟରେ ଲୋକମାନେ ସେଠାରୁ ପଠେଇଲେ। ଆଉ କିଛି ସାହାସୀ ଲୋକ ଟିକେ ଦୂରକୁ ଯାଇ କ’ଣ ଘଟିବାକୁ ଯାଉଛି ସେହି ଦୃଶ୍ୟ ଦେଖିବାକୁ ଅଟକିଗଲେ। ସାଧକ ଜଣକ ନିଜ କାନ୍ଧରୁ ଥଳିକୁ କାଢିଲେ, ପାଖରେ ଥିବା ଗଙ୍ଗା ନଦୀରେ ହାତ ମୁହଁ ଧୋଇ ଆଞ୍ଜୁଳାରେ ପାଣି ଧରି ମନ୍ତ୍ର ଗାଇ ପାଣିକୁ ପବିତ୍ର କରି ନିଜ ମୁଣ୍ଡରେ ପାଣି ଛିଞ୍ଚି ନିଜକୁ ପବିତ୍ର କଲେ। ତା’ପରେ ଥଳିରେ ହାତ ପୁରାଇ କିଛି କଉଡି କାଢି, ଆକାଶକୁ ଅନେଇ କିଛି ମନ୍ତ୍ର ଜପ କରି କଉଡିକୁ ଛାଟି ଦେଲେ। ଦେଖୁ ଦେଖୁ କଉଡି ଗୁଡିକ ହଜିଗଲେ ପବନରେ। ସାଧକ ଜଣକ ପୁଣି ଥରେ ଚିତ୍କାର କରି କହିଲେ, ‘ଦେଖ, ଏବେ ସର୍ପରାଜ ଆସିବେ। କେହି ତାଙ୍କୁ ମାରିବନି। ନହେଲେ ମୁଁ ତୁମ ମାନଙ୍କୁ ଉଚିତ୍ ଶିକ୍ଷା ଦେବି, ଏକଥା ସମସ୍ତେ ଭଲ ଭାବେ ଜାଣିଥାଅ।’ ସମସ୍ତେ ସର୍ପରାଜଙ୍କ ଆସିବା ପାଇଁ ବାଟ ଛାଡିଦିଅ। ମା’ ତୁମେ ମଧ ଏଠାରୁ ଦୂରକୁ ଚାଲିଯାଇ ବସ। ଯୁବକଟିର ମା’ କିଛି ସମୟ ପାଇଁ ହତପ୍ରଭ ହେଇଗଲେ ଆଉ ଟିକିଏ ଦୂରକୁ ଯାଇ ବସିପଡିଲେ। କିଛି ସମୟ ପରେ ଗୋଟିଏ ବିଶାଳକାୟ ସାପ ସେହି ଯୁବକ ଆଡକୁ ମାଡି ଆସୁଥିବାର ଦେଖାଗଲା। ସେହି ସାପର ଶରୀରରେ କଉଡି ସବୁ ଲାଖି ରହିଥିଲା। ସମସ୍ତେ ଆତଙ୍କିତ ହୋଇ ଛିଡା ହେଇଥିଲେ।

ସାଧକ ଜଣକ ସାପକୁ ଦେଖି କହିଲେ, ‘କ୍ଷମା କରିଦିଅ ତାକୁ ଏବେ, ମୋ କହିବା କଥାକୁ ଟିକିଏ ମାନ, ଏହି ମା’ ଉପରେ ଟିକିଏ ଦୟା କର, ଏବେ ମୋର ସବୁ କିଛି, ମୋ ବିଶ୍ୱାସ କେବଳ ତୁମ ଉପରେ ଅଛି, କ୍ଷମା କରିଦିଅ ।’ ସର୍ପରାଜ କିଛି କ୍ଷଣ ପାଇଁ ଅଟକିଗଲେ, ସାଧକ ଆଉ କିଛି କଉଡି ଧରିଲେ ହାତରେ, ସର୍ପରାଜ ମୁଣ୍ଡ ତଳକୁ କରି ଯୁବକର ନିର୍ଜୀବ ଶରୀର ଉପରେ ଲାଖିଗଲେ ଠିକ୍ ସେଇଠି ଯେଉଁଠି ସାପ କାମୁଡିଥିଲା । ସର୍ପରାଜ ସେ ଜାଗାରୁ ବିଷକୁ ଚୁସି ଆଗକୁ ଯାଇ ଗଙ୍ଗାରେ ପ୍ରବାହିତ କରୁଥିଲେ, ପୁଣି ବିଷକୁ ଚୁସି ଗଙ୍ଗାରେ ପ୍ରବାହିତ କଲେ। ଏମିତି ବହୁତ ଥର କଲେ ସର୍ପରାଜ।

ହଠାତ୍ ଯୁବକର ଶରୀରରେ ପ୍ରାଣ ସଞ୍ଚାର ହେଲା ଯେମିତି। ଯୁବକର ଶରୀରରେ ସ୍ପନ୍ଦନ ହେବାର ଦେଖି ସାଧକ ଜଣକ ପୁଣିଥରେ ପ୍ରଣାମ କଲେ ସର୍ପରାଜଙ୍କୁ। ମନ୍ତ୍ର ବଳରେ ସର୍ପରାଜଙ୍କ ଶରୀରରେ ଲାଖିଥିବା କଉଡିକୁ ବାହାର କଲେ। ସର୍ପରାଜ ସେଠାରୁ ଚୁପ୍‌ଚାପ୍ ଚାଲିଗଲେ। ତା’ପରେ ସେହି ଯୁବକ ଜଣକ ସ୍ତମ୍ଭିତ, ଆଉ ହତ ପ୍ରଭ ହୋଇ ଉଠି ବସିଲା। ଯୁବକର ମା’ ଖୁସିରେ କାନ୍ଦି ଉଠିଲେ। ହଠାତ୍ ବାତାବରଣ ପରିବର୍ତ୍ତିତ ହୋଇଗଲା । ସାଧକ ଜଣକ ହଠାତ୍ ନିଜର ଥଳିକୁ ଉଠେଇ ଅଦୃଶ୍ୟ ହୋଇଗଲେ ଜନ ଗହଳି ଭିତରେ। ଲୋକମାନେ ବହୁତ ଖୋଜିଲେ ସେହି ସାଧକଙ୍କୁ, ହେଲେ କେବେ ବି ପତ୍ତା ଲଗେଇ ପାରିଲେନି ସାଧକଙ୍କର। କେହି ବି ଜାଣିପାରିଲେନି ସେହି ସାଧକଙ୍କର ରହସ୍ୟକୁ। ଏମିତିଆ ମହା ସାଧକଙ୍କୁ ଆମର ଶତ ଶତ ପ୍ରଣାମ।

*୨୧୭,ୟୁନିଟ-୯(ଫ୍ଲାଟ)*
*ବାୟାବାବା ମଠ ଲେନ*
*ଭୁବନେଶ୍ୱର-୨୨*

# ଗଢ଼ଣ ଗୀତ



**ବାଦଲ ମହାନ୍ତି**

ତୁମ ଦେହ କମକୁଟ
ସୂକ୍ଷ୍ମ ସ୍ଥାପତ୍ୟରେ
ନିଜକୁ ଥାପିଲି ଦେବୀ
ବିଭିନ୍ନ ମୁଦ୍ରାରେ,
ଜିତିବାର ମିଛ ଖୁସି
ମିଛ ଅହଂକାର ଯେତେ
ଜୁଲୁଜୁଲିଆ ପୋକ ହେଇ
ଉଡ଼ିଗଲେ
ଏକ୍ଲା ଛାଡ଼ି ମୋତେ।

ଖସି ପଡିଲି ମୁଁ
ମୁଠେ ମାଟି ହେଇ
ପୁଣି ସେଇ
ମାଟିର କୋଳରେ।

ଯୋଉଦିନ କହିଲି
ନା ମୁଁ ଆଉ
ପାରୁନାହିଁ ଦେବୀ
ତମେ ମୋତେ ଗଢ଼ିଦିଅ
ନିଜସ୍ୱ ବାଗରେ।

ସେବେଠୁ
ଗଢ଼ିନୁ କି ଭାଙ୍ଗିନୁ
କେହି କାହାରିକୁ
ଅଥଚ
କୁହାକୁହି ହୁଅନ୍ତି
ବାଟଗଲା ଲୋକେ
ଦେବୀ ଦୁଆର ପାଖରୁ
ଗୋଟେ ଠକ୍ ଠକ୍ ଶବ୍ଦ
କୁଆଡ଼େ
ଅହରହ ଶୁଭେ ?



*ନୟାପଲ୍ଲୀ, ଭୁବନେଶ୍ୱର*
*ଦୂରଭାଷ : ୯୭୭୮୦୩୫୭୬୭*

# ଜହ୍ନ ପ୍ରତି



**ରାଜେଶ ପୂଜାରୀ**

ସକାଳ ହେବାକୁ ଏବେ
ଢେର ବେଳ ବାକି
ପାହାନ୍ତିଆ ତାରା
ଏଯାଏଁ ନିଦରୁ ଉଠିନି ପରା,

ଦିନ ତମାମ ଦର୍ଶନ ଦୁର୍ଲଭ ତୋର
ଗୋଧୂଳି ଗାଁ ମନୋଇ ନଈ ଡେଇଁ
ରାତିରେ ଆସୁ କେବଳ
ଫେର୍ କାହିଁ ଫେରିବାକୁ ଏତେ ତରବର !

ମାନ ଟିକେ ବୋଲ ମୋର
କିଛି ବେଳ ପାଇଁ ବନ୍ଦ କର
କୁମୁଦିନୀ ସାଥେ ତୋର କିତ୍ କିତ୍ ଖେଳ
ଲୁଚନା ଲୁଚନା ଆଉ
ଜହ୍ନିଫୁଲ ଟାଙ୍ଗୁଡିରେ
ଲିଭି ଲିଭି ଯାଏ ଅଳତା ପାଦର
ଫିକା ଫିକା ମେହେନ୍ଦିର ଦାଗ
ଅବଶ ମୋ ଆଖିର କଜ୍ଜଳ।

ସଜେଇ ହେବାକୁ ଆଉ ସ୍ପୃହା ନାହିଁ ମନେ
ଦର୍ପଣ ପାଖକୁ ଗଲେ ମୁଦେ ସେ ନୟନ
ଦେଖିବନି ଦେଖିବନି ବୋଲି



ଦଗ୍ଧ ପଳାଶ କାନନ
ସେଥିପାଇଁ ତତେ ଦର୍ପଣ କରି
ଖୋଜେ ଜଣଙ୍କର ମୁହଁ ହେଲେ ସବୁ ଅକାରଣ !

ଫେରେ ବାଟଭୁଲା ପକ୍ଷୀ ହେଇ କିଚିରି ମିଚିରି
ନିରସ ଝାଉଁ ବିଥି କାହା ମୃଦୁ୍ୟ ଚୁମ୍ବନରେ
ସରସିତ ହୋଇ ନାଚେ ଛମ୍ ଛମ୍ କରି
ହେଲେ ନାହିଁ ଦେଖା ତା’ର ମରେ ଖାଲି ଝୁରି।

ବିରହ ବେଳାର ଶେଯେ ଉଜାଗର ରାତି
ନିଦ ନାହିଁ ଏକରେ ସେକରେ ନୀତି
ହେଲେ ତୁ ବେଦରଦୀ ଏତେ
ତୋ ଶୀତଳତାରୁ ଦେଉନୁ ଟିକିଏ ମତେ।

ଅଜାଡି ଦେଲି ଅଲଜ୍ଜା ପଣେ ମୋର
ଯେତେ ଯାହା ସଂସ୍କାର
ଶୁଣିଲି ନିନ୍ଦା ଅପବାଦର ସବୁ ଶ୍ଳୋକ, ଭଜନ
ତାକୁ ଭାବି ଜୀବନର ଆଧାର।

ତୋର ତ ସବୁଠି ନଜର
କୁହ କୁହ ଥରେ ଅଛି କାହିଁ
ଦଗାଦାର ପ୍ରିୟବର
ମତେ ଠିକଣା କହିଯା ତା’ର
ଖବର ନେଇଯା ତା’ପାଖେ ପିଆସୀ ମନର।

*କୁଶମେଲ, କପିଳାପୁର, ପଞ୍ଚଗାଁ, ଝାରସୁଗୁଡା*
*ଦୂରଭାଷ : ୯୭୭୭୨୮୦୫୯୪*








କୌଶିକ କୁମାର ମହାପାତ୍ର
ଷ୍ଟାଣ୍ଡାର୍ଡ-୨
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର



ସୌସ୍ତିକ କୁମାର ମହାପାତ୍ର
ଷ୍ଟାଣ୍ଡାର୍ଡ-ଏଲ୍‌କେଜି
ବିଜେଇଏମ୍ ସ୍କୁଲ
ଭୁବନେଶ୍ୱର



# ପ୍ରଶାସନ ଶୁଣିଲାନି, ଚାଲିଗଲା ସେବତୀ

**ଭବାନୀପାଟଣା,(ଅନିଲ ପଟ୍ଟନାୟକ) :** ଗୋଟିଏ ବିଧବା ସ୍ତ୍ରୀ ମାତ୍ର ୩୬ ବର୍ଷ ବୟସରେ ୨ଟି ଝିଅ କୁ ଧରି ଭବାନୀପାଟଣା ଭଳି ଜାଗାରେ ଘର ଭଡାନେଇ ସେମାନଙ୍କୁ ଖାଇବା ପିଇବା ଦେଇ ଓ ପାଠପଢାଇ ବଞ୍ଚାଇ କରିରଖିଛି ତାହା ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟର କଥା ମାତ୍ର ୮ ହଜାର ଟଙ୍କା ଅଧାପେନ୍‌ସନ୍‌ରେ ସେ ତାଙ୍କର ଦୁଇଟି ଝିଅଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଭରଣ ପୋଷଣ କରୁଛନ୍ତି ତାହା ପୁଣି ସ୍ୱାମୀଙ୍କ ମୃତ୍ୟୁର ଦୁଇ ବର୍ଷପରେ ଆଜକୁ ୧୨ ବର୍ଷହେଲା। ଏବେ ବି ସମୟଅଛି ପ୍ରଶାସନ ଓ ଗଣ ମାଧ୍ୟମ ଯଦି ଆନ୍ତରିକ ଇଚ୍ଛା ବ୍ୟକ୍ତ କରନ୍ତି ତେବେ ଗୋଟାଏ ପରିବାର ନିଶ୍ଚିତ ଭାବରେ ମୃତ୍ୟୁ ମୁଖରୁ ଉଦ୍ଧାର ପାଇବେ। ତେବେ ଏହି ଗରିବ ଅଭାଗିନି ବିଧବା ମହିଳା ସେବତୀର କରୁଣ କାହାଣୀ ବୁଝିବା ପାଇଁ ନା ପ୍ରଶାସନର ହୃଦୟ ଅଛି ନା ସରକାରଙ୍କର ଏଥି ପ୍ରତି ଆନ୍ତରିକତା ଅଛି। ତୁରନ୍ତ ଜିଲ୍ଲାପ୍ରଶାସନ ଏଥି ପ୍ରତି ଦୃଷ୍ଟିଦେଇ ବିଧବା ମହିଳାଙ୍କ ପରିବାରର ସୁବିଧା ନିମନ୍ତେ ଆବଶ୍ୟକିୟ ପଦକ୍ଷେପ ନେବାର ସମୟ ଆସିଛି। ନଚେତ ଅଦିନରେ ଏହି ପରିବାରଟି ସର୍ବସ୍ୱାନ୍ତ ହେବାର ସମ୍ଭାବନା ରହିଛି। ଗତ ଏଗାର ଦିନ ତଳେ ସାହାଯ୍ୟ ପାଇଁ ଅପେକ୍ଷା କରିଥିବା ସେବତୀ ନାଏକ ସବୁ ଦିନ ପାଇଁ ଇହ ଧାମ ପରିତ୍ୟାଗ କରି ଦୁଇଟି ଝିଅକୁ ଛାଡି ଆରପାରିକୁ ଚାଲିଗଲା । ଦେଖିବାର ବାକି ରହିଲା ପ୍ରଶାସନ ଏ ଦୁଇଟି ଝିଅଙ୍କୁ ଯିଏ ବାପ, ମାଁ ହରାଇଛନ୍ତି ଯାହାର ଘର ଖଣ୍ଡେ ନାହିଁ, ଖାଇବାକୁ ଗଣ୍ଡେ ରୋଜଗାର ନାହିଁ, ବାପାର ଅଧା ପେନ୍‌ସନ୍‌ରେ ଦୁଇ ଭଉଣୀ ପାଠ ଟିକେ ଟିକେ ପଢୁଥିଲେ । ସେମାନଙ୍କର ଅବସ୍ଥା କଣ ହେବ ? ସାହି ବସ୍ତିର ଆମ୍ବେଦକର କ୍ଲବ, ପୁରୁଣାପଡା ଓ ପଡାବାସୀଙ୍କ ସହାୟତାରେ ଶବସଂସ୍କାର କରଗଲା । ଦୁଇଟି ଅନାଥ ଛୁଆଙ୍କୁ ସେହିମାନେ ରଖି ଅଦ୍ୟାବଧି ତାଙ୍କର ସମସ୍ତ ଭଲମନ୍ଦ ବୁଝୁଛନ୍ତି । ଯେଉଁମାନଙ୍କର ଗୋଡଛୁଇଁ



ପ୍ରଣାମ କରିବାର ଆମେ ତିଳେମାତ୍ର ଦ୍ୱିଧା କରିବୁ ନାହିଁ । ସୂଚନାଥାଉ କି, ସେବତୀଙ୍କ ଅଭିଯୋଗ ଥିଲା, ସ୍ୱାମୀ ଡି.ଏସ୍.ଡବ୍ଲୁ.ଓ/ଆଇ.ସି.ଡି.ଏସ୍. ଅଫିସ୍ କଲମପୁରେ ଷ୍ଟାଷ୍ଟିକାଲ୍ ଆସିଷ୍ଟାଣ୍ଟ ଭାବରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ମୃତ୍ୟୁ ପରେ ଶ୍ୱଶୂର ଘରେ ଆଶ୍ରା ମିଳିଲାନାହିଁ। ସ୍ୱାମୀଙ୍କର ଏକ ଦ୍ୱିତୀୟ ସ୍ତ୍ରୀ ଗାଆଁରେ ରହି ସମସ୍ତ ଜମିବାଡି, ଘର ସଂପତ୍ତି ଭୋଗ କରୁଛି। ସେବତୀ ଭଡାଘରେ ଦୁଇ ଝିଅଙ୍କୁ ରଖି ପାଠ ପଢାଉଥିଲେ। ମିଳୁଥିବା ଅଧା ପେନସନ୍‌ରେ ବଡ କଷ୍ଟରେ ଘରଭଡା, ପାଠପଢା ଖର୍ଚ୍ଚ, ଔଷଧ ଖର୍ଚ୍ଚ ତୁଲାଉଥିଲେ। ଶଶୁର ଘରୁ କୌଣସି ସାହାଯ୍ୟ ମିଳୁନଥିଲା। ଓଲଟି ସେମାନେ ସମସ୍ତ ଜମି ବାଡି ବିକ୍ରିକରି ଖାଉଛନ୍ତି, ଯେଉଁଥିରେ କି ତାଙ୍କ ଦୁଇ ଝିଅ ଓ ସେବତୀର ମଧ ଅଧିକାର ରହିଥିଲେ ବି ତାଙ୍କୁ କୌଣସି ଭାଗ ମିଳୁନଥିଲା। ତେଣୁ ସେ ପ୍ରଶାସନ ପାଖରେ ଗୁହାରି କରୁଥିଲେ ଯେ, ସ୍ୱାମୀଙ୍କ ସମ୍ପତ୍ତିରୁ ଭାଗ ପାଇବା ସହିତ ପିଲାମାନଙ୍କ ଭବିଷ୍ୟତ ପାଇଁ ପ୍ରଶାସନ ପଦକ୍ଷେପ ନିଅନ୍ତୁ। ସ୍ୱାମୀଙ୍କର ଯେଉଁ ବକେୟା ରାଶି ଯଥା ଜିପିଏଫ ଓ ଏରିଅର ଟଙ୍କା ତାଙ୍କୁ ମିଳୁ ବୋଲି ସେ ଦାବି କରିଆସୁଥିଲେ।

ସ୍ୱାମୀଙ୍କ ମୃତ୍ୟୁପରେ ତାଙ୍କ ଦୁଇ ଝିଅଙ୍କ ମଧ୍ୟରୁ ଜଣକୁ ସରକାରୀ ଚାକିରି ମିଳିବା ପାଇଁ ନେତା, ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରି ମଧ କରିଥିଲେ। ସବୁଠୁ ନିରାଶ ହେଲା ପରେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧକ୍ଷକ, ଜିଲ୍ଲାପାଳ, ସାଂସଦ, ବିଧାୟକ, ଉପଜଜିଲ୍ଲାପାଳ ଧର୍ମଗଡ ତଥା କିଛି ଗଣମାଧ୍ୟମକୁ ଆତ୍ମହତ୍ୟା କରିବା ଛଡା ଅନ୍ୟକୌଣସି ଉପାୟ ନାହିଁ ବୋଲି ଜଣାଇଥିଲେ। ଏହି ଭିତରେ ଦ୍ୱିତୀୟ ସ୍ତ୍ରୀ ବଞ୍ଚିଥିବା ଶଶୁରଙ୍କୁ ମରିଯାଇଥିବା ଦର୍ଶାଇ ଏକ ଲିଗାଲ ହେୟାର ସାର୍ଟିଫିକେଟ ଟିକେମଣି ନାଏକଙ୍କ ଦ୍ୱାରା ତହସିଲଦାର ମଦନପୁର ରାମପୁରଙ୍କ ଠାରୁ ହାସଲ କରି ଜିଲ୍ଲା ଅଫିସ୍ ଓ କଲମପୁର ଅଫିସ୍‌ରେ ଦେବାପାଇଁ ପ୍ରଥମ ସ୍ତ୍ରୀ ସେବତୀଙ୍କୁ ଯୋର ଜବର ଦସ୍ତି ଦସ୍ତଖତ କରିବାକୁ କହି ଦସ୍ତଖତ କରାଇ ନେଇଥିଲେ। ସେଥିରେ ଦର୍ଶା ଯାଇଥିବା ବ୍ୟକ୍ତି ମାନଙ୍କର, ନାମ, ବୟସ, ଓ ମୃତ ବ୍ୟକ୍ତିଙ୍କ ସହିତ ସମ୍ପର୍କ ତଳେ ଦର୍ଶା ଯାଉଛି। ଲିଗାଲ ହେୟାର ସାର୍ଟିଫିକେଟ ନଂ - ଆର.ଏମ.ସି-୭୨୩୬/୨୦୦୭ ହେମବନ୍ତୀ ନାଏକ, ଓ ବାସନ୍ତି ନାଏକ ଏମାନଙ୍କର ବୟସ ୧୩ ବର୍ଷ ଓ ୮ ବର୍ଷ ଏମାନେ ମୃତ ବ୍ୟକ୍ତିଙ୍କର ୨ ଝିଅ, ସ୍ମିତାରାଣୀ ନାଏକ, ବୟସ ୮ ବର୍ଷ ଦ୍ୱିତୀୟ ସ୍ତ୍ରୀଙ୍କର ଝିଅ, ସେବତୀ ନାଏକ ବୟସ ୨୬ ବର୍ଷ, ପ୍ରଥମ ସ୍ତ୍ରୀ ଯାଜ୍ଞସେନୀ ନାଏକ, ବୟସ ୩୦ ବର୍ଷ ମୃତ ସୁରେଶଙ୍କ ଦ୍ୱିତୀୟ ସ୍ତ୍ରୀ ଓ ଜେମା ନାଏକ ୬୦ ବର୍ଷ ମୃତ ସୁରେଶଙ୍କ ମାଆ। ପ୍ରଶ୍ନଉଠେ ଜୀବିତ ପିତାଙ୍କୁ କିଭଳି ଭାବରେ ତହସିଲଦାର ଓ ରେଭିନ୍ୟୁ ଇନିସପେକ୍ଟର ଅଣଦେଖା କଲେ ଯିଏକି ବର୍ତ୍ତମାନ ପର୍ଯ୍ୟନ୍ତ ଜୀବିତ ଅନୁସନ୍ଧାନ କଲେ ଏହାର କାରଣ ଜଣା ପଡିବ। ପ୍ରଶ୍ନ ଉଠେ ଜଣେ ସରକାରୀ କର୍ମଚାରୀଙ୍କର ଦ୍ୱିତୀୟ ସ୍ତ୍ରୀକୁ ଜିଲ୍ଲା ପ୍ରଶାସନ ଓ ଅଫିସ୍ କିପରି ଭାବରେ ସ୍ତ୍ରୀର ମାନ୍ୟତା ଦେଇ ପେନ୍‌ସନ୍, ଗ୍ରାଚ୍ୟୁଟି, ଜିପିଏଫ, ଏରିଅରପଇସା, ଅଧାଅଧା କରିବା ପାଇଁ ଚେଷ୍ଟା କରୁଛନ୍ତି ?

# ଏଣିକି ଓଡିଆରେ ରେଳ ଟିକେଟ



**ଭୁବନେଶ୍ୱର :** ରେଳ ବିଭାଗ ପକ୍ଷରୁ ନାଲକୋ ସହଯୋଗରେ ଓଡିଶାର କଳା ସଂସ୍କୃତିକୁ ପ୍ରଦର୍ଶିତ କରିବା ପାଇଁ ଆଜି ଯେଉଁ ପଦକ୍ଷେପ ନିଆଯାଇଛି ତଦ୍ୱାରା ଓଡିଶାର ସଂସ୍କୃତି ଓ ପର୍ଯ୍ୟଟନ ସର୍ବଭାରତୀୟ ସ୍ତରକୁ ଯିବ ବୋଲି ଗୁରୁବାର ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ଓଡିଶା ସଂସ୍କୃତି ଓ କଳାରେ ବ୍ରାଣ୍ଡିଂ ହୋଇଥିବା ଭୁବନେଶ୍ୱର-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ୍ ଏବଂ ଓଡିଆ ଭାଷାରେ ଅସଂରକ୍ଷିତ ଟ୍ରେନ୍ ଟିକେଟ୍ ପ୍ରଚଳନର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ରାଜଧାନୀ ଏକ୍ସପ୍ରେସର ୩ ଯୋଡା ଟ୍ରେନରେ ଓଡିଆ ସଂସ୍କୃତିକୁ ପ୍ରତିଫଳିତ କରିବାର ପଦକ୍ଷେପ ସ୍ୱାଗତଯୋଗ୍ୟ। ବିଭିନ୍ନ ରାଜ୍ୟ ଦେଇ ଦିଲ୍ଲୀ ଯିବାବେଳେ ଟ୍ରେନର ଓଡିଶାର କଳା ସଂସ୍କୃତିର ଫଟୋଚିତ୍ରକୁ ଲୋକମାନେ ଦେଖିପାରିବେ। ନିକଟରେ ଓଡିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ କୋଣାର୍କ ବେଳାଭୂମିରେ ଇକୋ ରିଟ୍ରିଟ୍ ଆରମ୍ଭ ହୋଇଛି । ଏହା ମଧ ଏକ ପଦକ୍ଷେପ । ଆଗାମୀ ଦିନରେ ରେଳ ବିଭାଗ ବା ଅନ୍ୟାନ୍ୟ ରାଷ୍ଟ୍ରାୟତ ସଂସ୍ଥା ଆହୁରି ଭଲ ଭାବେ ଓଡିଶାକୁ ସମ୍ମାନ କରନ୍ତୁ, ଏହା ଆମର ଅପେକ୍ଷା ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡିଶାର ୩୧୭ଟି ରେଳ ଷ୍ଟେସନ ଅଛି । ପୂର୍ବରୁ ଟ୍ରେନ୍ ଯାତ୍ରୀମାନଙ୍କ ପାଇଁ ଅସଂରକ୍ଷିତ ବଗି ପାଇଁ କେବଳ ଇଂରାଜୀ ଓ ହିନ୍ଦି ଭାଷା ଟିକେଟ୍ ପ୍ରଚଳନ ଥିଲା । ମାତ୍ର ଏବେ ରେଳ ବିଭାଗ ପକ୍ଷରୁ ଓଡିଆ ଭାଷାରେ ଏହି ବଗି ପାଇଁ ଟିକେଟ୍ ପ୍ରଚଳନ ହେବା ଆନନ୍ଦର ବିଷୟ । ଏଣିକି ରାଜ୍ୟ ଭିତରେ ଯେ କୌଣସି ସ୍ଥାନକୁ ଟ୍ରେନରେ ଯାତ୍ରା କଲେ ଉକ୍ତ ଟିକେଟରେ ଇଂରାଜୀ, ହିନ୍ଦି ଭାଷା ସମେତ ଓଡିଆ ଭାଷାରେ ରହିବ । ଓଡିଶା ରାଜ୍ୟରେ ଆଂଚଳିକ ଭାଷାରେ ଏପରି ବ୍ୟବସ୍ଥା ଆରମ୍ଭ କରାଯାଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ପ୍ରଶାନ୍ତ ସେନାପତିଙ୍କୁ 'ଅଟଳ ସମ୍ମାନ'



**ଭୁବନେଶ୍ୱର :** ୧୯୨୪ ଡିସେମ୍ବର ୨୫ ତାରିଖରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜନ୍ମଗ୍ରହଣ କରିଥିଲେ। କୃଷି, ବିଜ୍ଞାନ, ଜାତୀୟ ରାଜପଥର ଉନ୍ନତୀକରଣ ତଥା ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଆଦି ଅନେକ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ । ସେଥିଲାଗି ପ୍ରତିବର୍ଷ ସାରାଭାରତରେ ଡିସେମ୍ବର ୨୫ତାରିଖକୁ 'ସୁଶାସନ ଦିବସ' ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ସାଂସ୍କୃତିକ ପ୍ରକୋଷ୍ଠ ତରଫରୁ ଅଟଳ ବିହାରୀ ବାଜପେୟୀଙ୍କ ୯୫ ତମ ଜନ୍ମ ଦିବସ ପାଳନ କରିବା ସହ 'ଅଟଳ ସମ୍ମାନ -୨୦୧୯' କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଚଳିତ ବର୍ଷ ବରିଷ୍ଠ ସମାଜସେବୀ ତଥା ସାମାଜିକ ଆନ୍ଦୋଳନର ନେତା ପ୍ରଶାନ୍ତ ସେନାପତିଙ୍କୁ ଚତୁର୍ଥ ଅଟଳ ସମ୍ମାନ -୨୦୧୯ ସମ୍ମାନରେ ସମ୍ମାନୀତ କରାଯାଇଛି । ସେହିପରି ବିଶିଷ୍ଟ ରାଷ୍ଟ୍ରବାଦି କବି ବିରଞ୍ଚି ନାରାୟଣ ପଣ୍ଡାଙ୍କୁ ଅଟଳ କବିତା ସମ୍ମାନ -୨୦୧୯ରେ ସମ୍ମାନୀତ କରାଯାଇଛି । ଶ୍ରୀ ପଣ୍ଡା ଓଡିଆ ଭାଷାରେ ରାଷ୍ଟ୍ରବାଦୀ କବିତା ଲେଖିବା ସହ ସମାଜର ବ୍ୟବସ୍ଥା ପରିବର୍ତ୍ତନ ଓ ସଂସ୍କୃତିର ସୁରକ୍ଷା ପାଇଁ ଚେଷ୍ଟିତ ଅଛନ୍ତି । ସେହିପରି ବିଶିଷ୍ଟ ସମାଜସେବୀ ସୁବୋଧ ମିଶ୍ରଙ୍କୁ ଅଟଳ ସମାଜସେବୀ ସମ୍ମାନ -୨୦୧୯ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଶ୍ରୀ ମିଶ୍ର ସାମାଜସେବାରେ ନିଜକୁ ଉତ୍ସର୍ଗ କରି ଗରିବ ଯୁବକ ଯୁବତୀମାନଙ୍କ ଆତ୍ମନିଯୁକ୍ତି ପାଇଁ ପ୍ରୟାସରତ ଅଛନ୍ତି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି, ଉପସଭାପତି ରମା ରଞ୍ଜନ ବଳିଆରସିଂହ, ରାଜ୍ୟ ସାଧାରଣ ସଂପାଦକ ପୃଥୀରାଜ ହରିଚନ୍ଦନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ସାଂସ୍କୃତିକ ପ୍ରକୋଷ୍ଠର ରାଜ୍ୟ ସଂଯୋଜକ ପଂଚାନନ ନାୟକ, ସଙ୍ଗୀତକାର ମନ୍ମଥ ମିଶ୍ର, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ବାଜପେୟୀ ଏକ ମହାନ ବ୍ୟକ୍ତିତ୍ୱ ସହ ଏକ ଲୋକପ୍ରିୟ ନେତା ଥିଲେ। ଓଡିଶାର ମହାବାତ୍ୟା ପରେ ସ୍ୱର୍ଗତଃ ବାଜପେୟୀଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା। ପରବର୍ତ୍ତୀ ସମୟରେ ପାରାଦୀପ ରିଫାଇନାରୀ, ଇଷ୍ଟକୋଷ୍ଟ ରେଳୱ୍ୱେ ଜୋନ୍, ଏମ୍ସ ମେଡିକାଲର ପ୍ରତିଷ୍ଠା, ସ୍ୱର୍ଣ୍ଣ ଚର୍ତୁଭୂଜ, ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଗ୍ରାମାଂଚଳର ଚେହେରା ବଦଳାଇବାରେ ସ୍ୱର୍ଗତଃ ବାଜପେୟୀଙ୍କ ବହୁତ ବଡ ଭୂମିକା ଥିଲା ବୋଲି ଶ୍ରୀ ମହାନ୍ତି କହିଛନ୍ତି।

# ୯୨୨ କୋଟି ଟଙ୍କାର ପୁଞ୍ଜି ନିବେଶ ପ୍ରସ୍ତାବ ମଞ୍ଜୁର

**ଭୁବନେଶ୍ୱର :** ରାଜ୍ୟରେ ଶିଳ୍ପାୟନ ଓ ନିଯୁକ୍ତି ସୁଯୋଗର ଅଭିବୃଦ୍ଧି କ୍ଷେତ୍ରରେ ଅନ୍ୟ ଏକ ପଦକ୍ଷେପ ସ୍ୱରୂପ ଆଜି ରାଜ୍ୟ ସରକାର ୯୨୨ କୋଟି ଟଙ୍କାର ୫ ଟି ନୂଆ ପୁଞ୍ଜିନିବେଶ ପ୍ରକଳ୍ପ ପ୍ରସ୍ତାବକୁ ନୀତିଗତ ଅନୁମୋଦନ ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକକ ବାତାୟନ କମିଟି ବୈଠକରେ ଏହି ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ କରାଯାଇଛି। ଏହି ପ୍ରକଳ୍ପ ଗୁଡ଼ିକରେ ୨୬୫୦ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପ୍ରକଳ୍ପ ଗୁଡ଼ିକୁ ଅନୁମୋଦନ ଦେଇ ପୂର୍ବ ଅନୁମୋଦିତ ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ଗୁରୁତ୍ୱ ଆରୋପ କରିଥିଲେ । ଜିଲ୍ଲାସ୍ତରୀୟ ଏକକ ବାତାୟନ କମିଟି ବୈଠକରେ ଅନୁମୋଦିତ ହେଉଥିବା ପ୍ରକଳ୍ପଗୁଡ଼ିକ ନିମନ୍ତେ ଇଡ୍‌କୋ ମାଧ୍ୟମରେ ଜମି ଯୋଗାଇ ଦିଆଯିବ, ଏବଂ ଏଥି ନିମନ୍ତେ ଜିଲ୍ଲା ଶିଳ୍ପ କେନ୍ଦ୍ର ଜେନେରାଲ୍ ମ୍ୟାନେଜର ଇଡ଼କୋ ତରଫରୁ ପଦକ୍ଷେପ ନେବେ ବୋଲ ବୈଠକରେ ସ୍ଥିର ହୋଇଥିଲା। ବିଭିନ୍ନ ଶିଳ୍ପ ନିମନ୍ତେ ଜଳ ଆବଂଟନକୁ ଅଧିକ ବାସ୍ତବବାଦୀ ଓ ଗୁଣାତ୍ମକ କରିବା ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ। ଅବ୍ୟବହୃତ ଆବଂଟନ ଜଳ ଫେରସ୍ତ ଆଣି ତାହାର ପୁନଃ ଆବଂଟନ କରିବାକୁ ମୁଖ୍ୟ ଶାସନ ସଚିବ ଶିଳ୍ପ ଓ ଜଳସମ୍ପଦ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ଲୋକସେବା ଭବନଠାର ଆୟୋଜିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ବିଷୟରେ ସବିଶେଷ ତଥ୍ୟ ଆଲୋଚନା ପାଇଁ ଉପସ୍ଥାପନ କରିଥିଲେ । ନିବେଶ ପ୍ରସ୍ତାବ ଗୁଡ଼ିକ ପର୍ଯ୍ୟଟନ, ଇସ୍ପାତ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ଆଇଟି ତଥା ଇଏସଡିଏମ ଉପରେ ପର୍ଯ୍ୟବେଶିତ ଥିଲା । ଏହା ଦ୍ୱାରା ରାଜ୍ୟରେ ୨୬୫୦ ନୂତନ ନିଯୁକତି ସୁଯୋଗ ସୃଷ୍ଟି ହୋଇପାରିବ। ରାଜ୍ୟସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ଖୋର୍ଦ୍ଧା ଜିଲ୍ଲାର ଇନଫୋ ଭ୍ୟାଲି ସ୍ଥିତ ଇଏମସି ପାର୍କଠାରେ ୧,୪୪,୦୦୦ ବର୍ଗ ମିଟରକ୍ଷମତା ବିଶିଷ୍ଟ ପ୍ରିଂଟେଡ଼ ସର୍କିଟ୍ ବୋର୍ଡ଼ ନିନ୍ତେ ୯୬.୮୦ କୋଟି ଟଙ୍କାର ଆଇଟି ତା ଇଏସଡିଏମ ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି । ଏଠାରେ ୪୨୫ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ। ସେହିପରି ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରରେ ୮୫.୯୪ କୋଟି ଟଙ୍କାର ନିବେଶ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ଏହା ଅନ୍ତର୍ଗତ ଖୋର୍ଦ୍ଧାର ଡେରାସ ସି ଫୁଡ୍ ପାର୍କଠାରେ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରର ୟୁନିଟ୍‌ରେ ଅତିରିକ୍ତ ନିବେଶ କରାଯିବ । ଏଠାରେ ୫୮୦ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିପରି ପର୍ଯ୍ୟଟନ କ୍ଷେତ୍ରରେ ଖୋର୍ଦ୍ଧା ଜିଲ୍ଲାଠାରେ ଏକ ଅବସର ବିନୋଦନ ପାର୍କର ନିର୍ମାଣ ପାଇଁ ୧୦୭.୧୦ କୋଟି ଟଙ୍କାର ଏକ ପ୍ରସ୍ତାବକୁ ରାଜ୍ୟସ୍ତରୀୟ ସିଙ୍ଗଲ ଓ୍ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ପକ୍ଷରୁ ମଂଜୁରୀ ମିଳିଛି । ଏଠାର ପ୍ରାୟ ୫୦୦ ଲୋକଙ୍କୁ ନିଯୁକ୍ତି ମିଳିପାରିବ । ପର୍ଯ୍ୟଟନ କ୍ଷେତ୍ରରେ ଭୁବନେଶ୍ୱରରେ ଏକ ୪ ତାରକା ହୋଟେଲ ନିର୍ମାଣ ପାଇଁ ୫୯.୦୮ କୋଟି ଟଙ୍କାର ଏକ ନିବେଶ ପ୍ରସ୍ତାବକୁ ମଧ ମଂଜୁରୀ ମିଳିଛି । ଏହା ଦ୍ୱାରା ୧୬୭ ନୂତନ ନିଯୁକ୍ତି ସୁଯେଗା ସୃଷ୍ଟି ହେବ। ଇସ୍ପାତ୍ କ୍ଷେତ୍ରରେ କେନ୍ଦୁଝର ଜିଲ୍ଲାରେଥିବା ୦.୦୫ ଏମ୍‌ଟିପିଏ କ୍ଷମତା ବିଶିଷ୍ଟ ଇଂଟିଗ୍ରେଟେଡ଼ ଇସ୍ପାତ୍ ପ୍ଲାଂଟର ୫୭୩.୪୧ କୋଟି ଟଙ୍କାର ଏକ ସମ୍ପ୍ରସାରଣ ଏବଂ ଆଧୁନିକୀକରଣ ପ୍ରସ୍ତାବକୁ ମଂଜୁରୀ ମିଳିଛି । ଏହା ଦ୍ୱାରା ପ୍ଲାଂଟର କ୍ଷମତା ୦.୨୮୩ ଏମଟିପିଏକୁ ବୃଦ୍ଧି ପାଇବ । ଏହା ଦ୍ୱାର ଏଠାରେ ଅତିରିକ୍ତ ଭାବେ ୯୭୮ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇପାରିବ।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର :** ରାଜ୍ୟ ସରକାର ଆଇଏଏସ୍ ସ୍ତରରେ କେତେକ ଅଦଳବଦଳ କରିଛନ୍ତି। ଶ୍ରମ କମିଶନର ନିରଞ୍ଜନ ସାହୁଙ୍କୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନର (ଆରଡିସି) ନିଯୁକ୍ତ କରାଯାଇଛି। ଏହାସହିତ ତାଙ୍କୁ ସୁପର ଟାଇମ ସ୍କେଲକୁ ପଦୋନ୍ନତି ଦିଆଯାଇଛି। ତାଙ୍କ ସ୍ଥାନରେ ଡଃ ନୁନସଭତ୍ ତିରୁମାଲା ନାୟକଙ୍କୁ ରାଜ୍ୟର ନୂଆ ଶ୍ରମ ସଚିବ ନିଯୁକ୍ତ କରାଯାଇଛି। ଅନ୍ୟପକ୍ଷରେ ଆଇଜି ରେଜିଷ୍ଟ୍ରେସନ୍ ପ୍ରଶାନ୍ତ କୁମାର ସେନାପତିଙ୍କୁ ଓବିସି, ଅନୁସୂଚିତ ଜାତି ଓ ଉପଜାତି ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ ବିଭାଗ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ତାଙ୍କୁ ମଧ ସୁପର ଟାଇମ୍ ସ୍କେଲକୁ ପଦୋନ୍ନତି ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ସୁଶାନ୍ତ ମହାପାତ୍ରଙ୍କୁ ଇଷ୍ଟେଟ୍ ନିର୍ଦ୍ଦେଶକ ଓ ଅତିରିକ୍ତ ଭାବେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ନିର୍ଦ୍ଦେଶକ ଭି.ଜୟକୁମାରଙ୍କୁ ଆୟୁଷ ନିର୍ଦ୍ଦେଶକ ଭାବେ ନିଯୁକ୍ତ କରାଯାଇଛି। ଆୟୁଷ ବିଭାଗର ନିର୍ଦ୍ଦେଶକଙ୍କୁ ଓଡ଼ିଶା ଆଇଏଏସ୍ କ୍ୟାଡରରେ ଯୁଗ୍ମ ସଚିବ ପାହ୍ୟାର ମାନ୍ୟତା ଓ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ମୟୂରଭଞ୍ଜର ଏଡିଏମ୍ ଆବୋଲି ସୁନୀଲ ନାରାଭାନେଙ୍କୁ ରାଉରକେଲାର ଏଡିଏମ୍ ଭାବେ ବଦଳି କରାଯାଇଛି। ସେ ମଧ ଅତିରିକ୍ତ ଭାବେ ରାଉରକେଲା ବିକାଶ ପ୍ରାଧିକରଣର ଉପାଧକ୍ଷ ରହିବେ। ଏବେ ନିଖିଲ ପବନ କଲ୍ୟାଣ ଏହି ପଦରେ ଅଛନ୍ତି।

# ୧୯୮୩ ପ୍ରାକ୍ତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



**ରଘୁନାଥପୁର :** ରଘୁନାଥପୁର ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ୧୯୮୩ ବ୍ୟାଚ୍ ବନ୍ଧୁମିଳନ ଗତ ୨୫ ତାରିଖ ବୁଧବାର ଦିନ ପୁରଣ ଓଡପଡା ସ୍ଥିତ ପାଲିତ୍ ଦାଦା ଫାର୍ମ ହାଉସ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନ ଉତ୍ସବକୁ ୧୯୮୩ ବ୍ୟାଚ୍ ର ସମସ୍ତ ଛାତ୍ରଛାତ୍ରୀ ପୂର୍ଣ୍ଣମାତ୍ରାରେ ସହଯୋଗ କରିଥିଲେ। ପୂର୍ଣ୍ଣଚନ୍ଦ୍ର ବିଦ୍ୟାମନ୍ଦିରର ପ୍ରାକ୍ତନ ପ୍ରଧାନଶିକ୍ଷକ ୰ଲକ୍ଷ୍ମୀକାନ୍ତ ସେନ୍ ଙ୍କ ଏକମାତ୍ର ସୁପୁତ୍ର ଓଡିଶାର ସର୍ଜରୀ ସ୍ପେସାଲିଷ୍ଟ୍ ଡା. ଭାସ୍ୱତକାନ୍ତି ସେନ୍‌ଗୁପ୍ତଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ବ୍ୟାଚ୍ ର ୫ଜଣ ବନ୍ଧୁ ୰ପ୍ରଭୁ ସାହୁ, ହିମାଂଶୁ ବରାଳ, ନୀଲକମଲ ଦେ, ମିତ୍ରଭାନୁ ରାଉତରାଏ, ପରେଶ ତା ଓ ରାମଚନ୍ଦଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ ୨ମିନିଟ୍ ଶୋକସଭା କରାଯାଇଥିଲା। ଅନୁପସ୍ଥିତ ଛାତ୍ରଛାତ୍ରୀଙ୍କ ପାଇଁ ଉପସ୍ଥିତ ଛାତ୍ରଛାତ୍ରୀ ମନୋସ୍ତାପ କରି ଦୁଃଖ ପ୍ରକାଶ କରିଥିଲେ। ଏହି ବର୍ଷ ଛାତ୍ରୀଙ୍କ ସଂଖ୍ୟା ଅଧିକ ଥିବାରୁ ବନ୍ଧୁମିଳନ ଉତ୍ସବର ଶୋଭା ଅତି ସୁନ୍ଦର ହୋଇଥିଲା। ଆସନ୍ତ ବର୍ଷ ସମସ୍ତ ଛାତ୍ରଛାତ୍ରୀ ବନ୍ଧୁମିଳନରେ ଯୋଗଦେବା ପାଇଁ ଫେସ୍‌ବୁକ୍, ହ୍ୱାଟ୍ସଆପରେ ନିଜ ନିଜ ମଧ୍ୟରେ ସୁସଂପର୍କ ସ୍ଥାପନ କରିବାକୁ ଉପସ୍ଥିତ ଛାତ୍ରଛାତ୍ରୀମାନେ ଶପଥ ନେଇଛନ୍ତି। ସେଥିପାଇଁ ଡା. ସେନ୍‌ଗୁପ୍ତା ପ୍ରତିବର୍ଷ ଡିସେମ୍ବର ୩ୟ ରବିବାର ଦିନ ହିଁ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହେବାକୁ ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହାକୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ପୂର୍ଣ୍ଣମାତ୍ରାରେ ସମର୍ଥନ ଜଣାଇଛନ୍ତି। ଏହି ବନ୍ଧୁମିଳନ ଉତ୍ସବ ଆରମ୍ଭ ୰ ପ୍ରଭୁ ସାହୁଙ୍କ କୀର୍ତ୍ତି ଗୋରବ ଉଦ୍ୟମକୁ ସମସ୍ତେ ପ୍ରଶଂସା କରିଥିଲେ। ସମସ୍ତଙ୍କ ହୃଦୟରେ ୰ ପ୍ରଭୁ ଅଛନ୍ତି ଓ ରହିବେ । ହ୍ୱାଟ୍ସଆପ୍ ଜରିଆରେ ଗ୍ରୁପ ତିଆରି କରି ବନ୍ଧୁମାନଙ୍କ ମଧ୍ୟରେ ସୁଖଦୁଃଖ ବାଣ୍ଟିବାରେ ଆତିଥ୍ୟକୁ ସାଉଣ୍ଟି ଆଣି ଏକାଠି କରିବାରେ ମୂଖ୍ୟ ଭୂମିକା ସଂଘମିତ୍ରା ଦାସଙ୍କୁ ସମସ୍ତେ ଧନ୍ୟବାଦ ଦେଇଥିଲେ। ଏଥିରେ ଡ. ସେନ୍ ଗୁପ୍ତା, ଶ୍ରୀକାନ୍ତ ସାହୁ, ସୂର୍ଯ୍ୟଶିଖା, ସସ୍ମିତା, ସୌଭାଗ୍ୟ, ରୋଜି ଓ ସୁଶାନ୍ତଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। ଆଜିର ଏହି ବନ୍ଧୁମିଳନ ଉତ୍ସବରେ ୪୫ ଜଣ ବନ୍ଧୁ ଯୋଗଦେଇଥିଲେ। ଏହି ଉତ୍ସବରେ ବିଶେଷ କରି ବାସୁଦେବ ବାରିକ୍, ଜୟନ୍ତ, ଜପ, ବିଦ୍ୟାଧର, ପରିଚାଳନା କରି ମନୋରମ କଥା କହି ସମସ୍ତଙ୍କ ହସେଇଥିଲେ। ଶେଷରେ ଅକ୍ଷୟ ପୃଷ୍ଟି ଧନ୍ୟବାଦ ପ୍ରଦାନ ପୂର୍ବକ ସଭାସାଙ୍ଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### 'ଅର୍ଥନୈତିକ ...

ଉପଭୋକ୍ତା ସଂଖ୍ୟା ବୃଦ୍ଧି ପାଇ ସାଢେ ୩ ଲକ୍ଷରେ ଛୁଇଁଲାଣି ବୋଲି ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବରୁ ମହିଳାମାନେ କାଠ ଜାଳି ରୋଷେଇ କରୁଥିବାରୁ ଘରୋଇ ଧୂଆଁରେ ୫ ଲକ୍ଷ ମହିଳାଙ୍କ ଜୀବନ ଯାଉଥିଲା। ମାତ୍ର ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ମାଧ୍ୟମରେ ୮ କୋଟି ମା ଭଉଣୀଙ୍କ ଘରେ ମାଗଣାରେ ଗ୍ୟାସ ପହଁଚାଇ ସେମାନଙ୍କ ସ୍ୱାସ୍ଥ୍ୟ ରକ୍ଷା କରିଛନ୍ତି। ସେ କହିଛନ୍ତି ଯେ ବଲାଙ୍ଗିର ଅଞ୍ଚଳର ଯୁବକ କେତେଦିନ ବାହାରକୁ କାମ କରିବାକୁ ଯିବ ? ଚାକିରି କରିବାକୁ ନହେଁ ଚାକିରି ଦେବାର ଚିନ୍ତାଧାରା ସମସ୍ତଙ୍କ ମନରେ ଆସିବା ଦରକାର। ଏଠାରେ ଯୋଜନାର କ୍ରିୟାନ୍ୱୟନ କରିବା ଓ ଇଚ୍ଛାଶକ୍ତିର ଅଭାବ ଅଛି। ଏହା ମୂଳ ବିଷୟ ଏବଂ ଏଥିପାଇଁ ସମାଧାନର ରାସ୍ତା ବାହାର କରିବା ପାଇଁ ଯୋଜନା ହେବା ଦରକାର। ଭାରତବର୍ଷରେ ବଲାଙ୍ଗୀର ଜିଲ୍ଲାକୁ ଆକାଂକ୍ଷୀ ଜିଲ୍ଲା ଭାବେ ସାମିଲ କରି ଏହାକୁ ବିକାଶ କରିବାର କଳ୍ପନା କରିଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ ପ୍ଲାଟ୍ ବୁଲି ଦେଖିବା ସହ ପରିଚାଳନା କାର୍ଯ୍ୟ ସମ୍ବନ୍ଧରେ ପଚାରିବୁଝିଥିଲେ। ଉଲ୍ଲେଖନୀୟ ଯେ, ବଲାଙ୍ଗିର ବଟଲିଂ ପ୍ଲାଣ୍ଟର ଲୋକାର୍ପଣ ଉପରାଷ୍ଟ୍ରପତିଙ୍କ କରକମଳରେ କାର୍ଯ୍ୟକ୍ରମ ରହିଥିବା ବେଳେ ଖରାପ ପାଗ କାରଣରୁ ସେ ଆସିପାରିନଥିଲେ । ଏହି ଅବସରରେ ସେ ରାଜଭବନରୁ ଟେଲିଫୋନ ଯୋଗେ ବାର୍ତ୍ତା ପହଁଚାଇଥିଲେ।

### ବିଜେଡି ...

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଅବସରରେ ଆଉ ଏକ ପରସମଣୀ ଆପଣଙ୍କ ପାଖରେ ରଖୁଛି। ଓଡ଼ିଶାର ସାଢ଼େ ୪ କୋଟି ଜନସାଧାରଣ ହେଉଛନ୍ତି ଆମ ପରିବାର। ଓଡ଼ିଶାବାସୀ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ କ୍ଷମତା ନୁହେଁ। ପରିବାରର ସେବା ପାଇଁ ଏହା ଏକ ସୁଯୋଗ। ଏହି ଭାବନା ନେଇ ଦଳର ନେତା ଓ କର୍ମୀ କାମ କରୁଛନ୍ତି। ସେ ପୁଣି କହିଲେ ଯେ ବିଜେଡି ଲୋକଙ୍କ ସେବା ପାଇଁ କାମ କରୁଛି, ନିର୍ବାଚନରେ ଜିତିବା ପାଇଁ ନୁହେଁ। ସେବା ଦ୍ୱାରା ଲୋକଙ୍କ ହୃଦୟକୁ ଜୟ କରିବା ହେଉଛି ଦଳର ପ୍ରାଥମିକତା। ଏଥିପାଇଁ ଆମେ ୩୬୫ ଦିନ କାମ କରୁଛୁ। ଏହି ନୀତିକୁ ଅନୁସରଣ କରି ବିଜେଡି ଆଜି ଓଡ଼ିଶାର ବିକାଶ କରିଛି। ଲୋକଙ୍କ ଆଶା ଓ ଭରଷାର ପ୍ରତୀକ ହୋଇପାରିଛି। ଦଳର ପ୍ରତିଷ୍ଠା ଦିବସରେ ଶ୍ରୀ ପଟ୍ଟନାୟକ କର୍ମୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ତ୍ୟାଗ, ନିଷ୍ଠା ଓ ପରିଶ୍ରମ ଦଳକୁ ଅମ୍ଳଜାନ ଭଳି ଶକ୍ତି ଯୋଗାଇବା ସହିତ ମଜ୍‌ଭୁତ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ ଯେ ଓଡ଼ିଶାକୁ ଭାରତର ପ୍ରଥମ ରାଜ୍ୟରେ ପରିଣତ କରିବା ପାଇଁ ବିଜୁ ବାବୁଙ୍କର ସ୍ୱପ୍ନ ଓ ନବୀନ ବାବୁଙ୍କ ସଂକଳ୍ପକୁ ସାକାର କରିବାକୁ ଓଡ଼ିଶାବାସୀ ବିଶେଷ କରି ଯୁବସମାଜକୁ ଆଗେଇ ଆସିବାକୁ ହେବ। ବିଜେଡି କୌଣସି ଧର୍ମଭିତ୍ତିକ ଦଳ ନୁହେଁ। ଏହି ଦଳ ସର୍ବଧର୍ମକୁ ସମ୍ମାନ ଦେଉଛି ଏବଂ କାମ କରୁଛି। ୨୨ବର୍ଷ ମଧ୍ୟରେ ଏହି ଦଳ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛି। ଆଗକୁ ଆହୁରି କାମ କରିବାର ଅଛି। ବିଜେଡି ଏକ ଶୃଙ୍ଖଳିତ ଦଳ। ନବୀନ ବାବୁ ଜଣେ ଶୃଙ୍ଖଳିତ ନେତା ବୋଲି ପ୍ରଧାନମନ୍ତ୍ରୀ ମଧ୍ୟ ପ୍ରଶଂସା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ ଦାସବର୍ମା, ଅରୂପ ପଟ୍ଟନାୟକ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଦଳର ଅନ୍ୟ ବିଧାୟକ ଓ କର୍ମକର୍ତ୍ତା ଯୋଗଦେଇଥିଲେ।

### ଅପାରଗ ...

ଦେବାକୁ ନାରାଜ । ତେବେ ଶିଳ୍ପ ଅନୁଷ୍ଠାନ ଗୁଡିକ ଚାଲିବ କେମିତି ? ଲକ୍ଷ ଲକ୍ଷ ଟଙ୍କା ଋଣ ଭାରରେ କାହିଁକି ଶିଳ୍ପପତି ମାନେ ଆତ୍ମହତ୍ୟା କରିବାକୁ ବାଧ ହେବେ ନାହିଁ ? କାହିଁକି ଆସନ୍ତା କାଲି ଚାଷୀ ମାନଙ୍କ ସହିତ ଶିଳ୍ପ ସଂସ୍ଥା ଗୁଡିକ ସାମିଲ ହେବେ ନାହିଁ ଆତ୍ମହତ୍ୟା କରିବା ପାଇଁ? ସରକାରଙ୍କର ବାରମ୍ବାର ପରିବର୍ତ୍ତିତ ନିୟମ ମଧ ଜିଲ୍ଲାର ଉନ୍ନତିରେ ବାଧକ ସାଜିଛି । ଅଫିସ ଅଛି ଅଫିସର ନାହାଁନ୍ତି ଓ କର୍ମଚାରୀ ନାହାଁନ୍ତି। ବାରମ୍ବାର ମିଟିଙ୍ଗ ବା ଭିସି ଯୋଗୁଁ ଜନସାଧାରଣଙ୍କର କାର୍ଯ୍ୟ ହୋଇପାରୁନାହିଁ। ଗୋଟିଏ ଅଫିସର ଅନେକ ବିଭାଗର ବୋଝରେ ମୂଳ ବିଭାଗକୁ ଭୁଲି ଯାଉଛନ୍ତି । ଉନ୍ନତି ମୂଳକ କାର୍ଯ୍ୟ ହେବା ପାଇଁ ଅର୍ଥର ଅଭାବ ଦର୍ଶାଯାଉଛି। ଇଂଜିନିୟରିଙ୍ଗ ବିଭାଗର ଅପାରଗତା ବା ମନମୁଖୀ କାର୍ଯ୍ୟ ଫଳରେ ରାସ୍ତାଘାଟ ଯୋଗୁଁ ଅନେକ ଦୁର୍ଘଟଣାର ଶିକାର ହେଉଛନ୍ତି ସାଧାରଣ ଜନତା ଜିଲ୍ଲାର କେଉଁଠି ୪ ଧାଡିଆ ସଡକ ନିର୍ମାଣ ଚାଲିଛି ତ ଅନେକ ଗଳି ରାସ୍ତାର ପିଚୁର ଛିଟ ମଧ ପଡି ନାହିଁ । ମ୍ୟୁନିସିପାଲିଟିର କୁଡକୁଡ ଅଳିଆ ବିଭିନ୍ନ ନାଳ ଗୁଡିକୁ ପୋତି ପକାଇଲା ବେଳେ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ସହରରର ସବୁ ସ୍ଥାନରେ ମାଛ ଓ ମାଂସର ବିକ୍ରୟ ଏହାକୁ ଦ୍ୱିଗୁଣିତ କରୁଛି। ସହର ମଧ୍ୟରେ ଅନେକ ଉଚ୍ଚ ଅଟ୍ଟାଳିକା ବିନା ଅନୁମୋଦନରେ ନିର୍ମିତ ହୋଇଥିବା ବେଳେ ବର୍ତ୍ତମାନ ନୂଆ କରି ନିର୍ମାଣ ପାଇଁ ଅନେକ ପରିବର୍ତ୍ତନ ନିୟମ ଲାଗୁ ହେଉଛି। ମୋଟାମୋଟି ଓଡିଶାର ଏହି ଜିଲ୍ଲାଟି ଉପରୋକ୍ତ ଟିପ୍ପଣୀ ଅନୁସାରେ ପ୍ରଥମ ଶ୍ରେଣୀ ଜିଲ୍ଲା ଭଳି ଲାଗୁଛି। ଏଠିକାର ମଦ ଦୋକାନୀ ଧାର୍ଯ୍ୟ ଦର ବଦଳରେ ମନଇଚ୍ଛା ପଇସା ବଢାଇ ମଦ ବିକ୍ରୀ କରୁଥିବା ବେଳେ ଅବକାରୀ ବିଭାଗ ଚାନ୍ଦା ନେଇ ଲୋକଙ୍କର କଣ୍ଠରୋଧ କରିବାରେ ବ୍ୟସ୍ତ। ଜିଲ୍ଲାର ବିଭିନ୍ନ ବିଭାଗ ଭିନ୍ନ ଭିନ୍ନ ଆଳରେ ସେମାନଙ୍କର ବିଭାଗ ଗୁଡିକ ଚଳାଉଛନ୍ତି । ଅନେକ ତହସିଲ ରେ ଅନେକ ବାଲି, ପଥର ଓ ମୋରମ୍‌ର ଉତ୍ସ ଥିବା ବେଳେ ଏହାକୁ ପରିପ୍ରକାଶ ନ କରାଯାଇ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ କରିବାରେ ଏହି ଜିଲ୍ଲାର ପ୍ରଶାସନ ବ୍ୟସ୍ତ। ରାସ୍ତା ନିର୍ମାଣ ନାମରେ ଅନେକ ପୁରୁଣା ଗଛ କାଟି ଦିଆଯାଇଥିଲେ ବି ଏଯାବତ୍ ନୂଆ ଗଛ ଲଗାଯାଇ ପାରିଲା ନାହିଁ। ହଠାତ୍ କଲେଜ ଛକ ଠାରୁ ମେଦିନୀପୁର ଚେକ ଗେଟ ପର୍ଯ୍ୟନ୍ତ ୪ ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଏହି ଗଛ ଗୁଡିକ ମଧ ନଷ୍ଟ କରିଦିଆଗଲା। କଳାହାଣ୍ଡି ଜିଲ୍ଲାର ନୋଜଲ ପ୍ରଜାମାନେ ୨୦୧୧ରୁ ସ୍ଥିତିବାନ ପଟ୍ଟା ପାଇବା ପାଇଁ ଆବେଦନ କରିଥିଲେ ମଧ କେବଳ ୨୦୧୯ରେ ଆବେଦନ କରିଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବାର ବିଚିତ୍ର ନୀତି ସମସ୍ତଙ୍କୁ ଚକିତ କରୁଛି। ଜିଲ୍ଲାପାଳଙ୍କ ଦ୍ୱାରା କିଛି ମାସ ତଳେ ୨ ଜଣ ଅତିରିକ୍ତ ତହସିଲଦାର କଳାହାଣ୍ଡି ତହସିଲରେ ଅବସ୍ଥାପିତ ହୋଇଥିଲେ। ଯାହା ଫଳରେ ଏଠାରେ କିଛି କାର୍ଯ୍ୟ ହେଉଥିଲା। ଏବେ ସରକାରଙ୍କର ଆଦେଶରେ ଜଣେ ଅତିରିକ୍ତ ତହସିଲଦାର ଯୋଗଦାନ କରିବାର ଥିଲେ ବି ଏପର୍ଯ୍ୟନ୍ତ ପଦବୀ ଖାଲିପଡିଛି। ଏ ସବୁ ସମସ୍ୟାର ସମାଧାନ ନିମନ୍ତେ 'ଏକମାତ୍ର'ର ଏହା ଛୋଟ ପ୍ରୟାସ ମାତ୍ର। ସରକାର ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଲେ ଜିଲ୍ଲାବାସୀ ଆଶ୍ୱସ୍ତ ହେବା ସହିତ ସେମାନଙ୍କ ମନରେ ପ୍ରଶାସନ ପ୍ରତି ଥିବା କ୍ଷୋଭ ଉଣା ହୋଇପାରନ୍ତା।

